

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୦ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 July 2026

Vol.No. 36 ■ No.190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଟ୍ରମ୍ପଙ୍କ ମାଷ୍ଟର ପ୍ଲାନ୍ ଫେଲ୍: କାମ ଦେଲାନି ଟାରିଫ୍ ନୀତି, ଆମେରିକା ପାଇଁ ବଢ଼ିଲା ବିପଦ

ନୂଆଦିଲ୍ଲୀ,୧୯/୭ : ଡୋନାଲ୍ଡ ଟ୍ରମ୍ପ ଯେତେବେଳେ 'ଆମେରିକା ଫାଷ୍ଟ' ନୀତି କଥା କୁହନ୍ତି, ସେତେବେଳେ ତାଙ୍କର ସବୁଠାରୁ ବଡ଼ ଅସ୍ତ୍ର ହେଉଛି 'ଟାରିଫ୍' ବା ଆମଦାନୀ ଶୁଳ୍କ । ସେ ଭାବନ୍ତି, ବିଦେଶୀ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇଲେ ଅନ୍ୟ ଦେଶର ରପ୍ତାନିକାରୀମାନେ ନଇଁଯିବେ ଏବଂ ଆମେରିକାର ଅର୍ଥନୀତି ସୁଧୁରିଯିବ । କିନ୍ତୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓଗରର ଏକ ସଦ୍ୟତମ ଗବେଷଣା ପତ୍ର ଏହି ଧାରଣାକୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଛି । ଏହି



ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କ ଶୁଳ୍କ ନୀତି ବିଦେଶୀଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ନିଜ ଦେଶର ଉପଭୋକ୍ତା ଓ ଅର୍ଥନୀତି ପାଇଁ ବୁମେରାଙ୍ଗ ସଦୃଶ ହୋଇଛି । ଆଇଏମଏଫ ଅର୍ଥଶାସ୍ତ୍ରୀ ଜେବିନ୍ ଆନ୍, ଲୋରେଞ୍ଜୋ ରୋଟୁନୋ ଏବଂ ମିସେଲ ରୁଟାଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଟ୍ରମ୍ପଙ୍କ 'ହାଇ ରେସିପ୍ରୋକାଲ୍ ଟାରିଫ୍' ନୀତି ଯୋଗୁଁ ବିଦେଶୀ ରପ୍ତାନିକାରୀ ମାନେ ସେମାନଙ୍କ ସାମଗ୍ରୀର ମୂଲ୍ୟ କମାଇନାହାନ୍ତି ।

◆◆ପୃଷ୍ଠା ୭


# ଜନ୍ମବେଦୀରେ ଜଗତମଣିମା: ଗୁଣ୍ଡିଚା ମନ୍ଦିରରେ ଗହଳିଚହଳି



ପୁରୀ, ୧୯/୭ (ନି.ପ୍ର): ଶ୍ରୀମନ୍ଦିରର ରତ୍ନବେଦି ଏବେ ଖାଁ ଖାଁ । ସବୁ କୋଳାହଳ ଏବେ ଶ୍ରୀଗୁଣ୍ଡିଚା ମନ୍ଦିରରେ । ଜନ୍ମବେଦି ଆଡ଼ପ ମଣ୍ଡପରେ ଚାଲିଛି ମହାପ୍ରଭୁଙ୍କ ଅପୂର୍ବ ଲୀଳାଖେଳା । ଚତୁର୍ଦ୍ଧାମୂରତିଙ୍କର ଏହି ଦୁର୍ଲଭ ଆଡ଼ପ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଅଗଣିତ ଭକ୍ତଙ୍କ ଭିଡ଼ ଜମିଛି । ସକାଳୁ ଅଧରପୋଛା, ମଙ୍ଗଳ ଆଳତି ଏବଂ ଅବକାଶ ନୀତି ସରିବା ପରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ ଜର୍ମାନ ହାଙ୍ଗର ଶୈଳୀରେ ଦର୍ଶନ ବ୍ୟବସ୍ଥା ହୋଇଥିବା ବେଳେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ୍‌ର ସୁବିଧା କରାଯାଇଛି । ସିଂହଦ୍ୱାର ପଟେ ପ୍ରବେଶ କରି ନାକଚଣା ଦ୍ୱାର ପଟେ ଲୋକେ ପ୍ରସ୍ଥାନ କରୁଛନ୍ତି । ବିଶ୍ୱାସ ରହିଛି, ଆଡ଼ପ ମଣ୍ଡପରେ ଶ୍ରୀଜିଉଙ୍କ ଦର୍ଶନ ସହ ଆଡ଼ପ ଅବଢ଼ା ପାଇଲେ ଶହେ ଜନ୍ମର ପାପକ୍ଷୟ ହୋଇଥାଏ । ରଥ ଉପରେ ଦୀର୍ଘ ୩ ଦିନ ଧରି ମହାପ୍ରଭୁ କେବଳ ଶୁଖିଲା ଭୋଗ ଖାଉଥିଲେ । ହେଲେ ଆଜିଠାରୁ ଜନ୍ମବେଦିରେ ବାହାରିଛି ବହୁ ପ୍ରତୀକ୍ଷିତ ଅନ୍ନପ୍ରସାଦ ବା ସଂଖୁଡ଼ି ଭୋଗ । ଘିଅ ଅନ୍ନ, କାନିକା, ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲମା, ବେସର, ମହୁର ଏବଂ ଶାଗ ଭଳି ଛପନ ଭୋଗର ମହକରେ ମହକୁଛି ଆନନ୍ଦବଜାର । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ସହ ଅତି ଆନନ୍ଦର ସହ ଆଡ଼ପ ଅବଢ଼ା ସେବନ କରୁଛନ୍ତି । ସେପଟେ ଶ୍ରୀମନ୍ଦିରରେ କେବଳ ପାର୍ଶ୍ୱ ଦେବାଦେବୀ ଓ ଦକ୍ଷିଣ ଘରେ ଥିବା ଠାକୁରଙ୍କର ପୂଜାର୍ଚ୍ଚନା ଚାଲିଥିବା ବେଳେ ମହାପ୍ରସାଦ ବଦଳରେ ଶୀତଳ ଭୋଗ ଲାଗି ହେଉଛି । ଆସନ୍ତାକାଲି ଅନୁଷ୍ଠିତ ହେବ ପବିତ୍ର ହେରାପଞ୍ଚମୀ ନୀତି । ମହାପ୍ରଭୁଙ୍କୁ ଖୋଜି ଖୋଜି ଆସିବେ ମାଆ ଲକ୍ଷ୍ମୀ ଠାକୁରାଣୀ ଏବଂ ରାଗରେ ରଥ ଭାଙ୍ଗି ଫେରିଯିବେ । ତେବେ ସାଆନ୍ତାଣିଙ୍କ ଆସିବା ପୂର୍ବରୁ ଆଜି ସଜେଇ ହେବେ କାଳିଆ ସାଆନ୍ତ । ଆଜି ମଧାହ୍ନ ଧୂପ ପରେ ମହାପ୍ରଭୁଙ୍କର ଗୁପ୍ତ ବନକଲାଗି ନୀତି ଅନୁଷ୍ଠିତ ହେବ । ଦଉ ମହାପାତ୍ର ସେବାୟତମାନେ ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ । ଏଥିପାଇଁ ରାତି ପ୍ରାୟ ୯ଟାରୁ ଭୋର୍ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଅନ୍ୟପଟେ ଆସନ୍ତା ମଙ୍ଗଳବାର ଦିନ ତିନି ରଥର ଦକ୍ଷିଣ ମୋଡ଼ କରାଯିବ ।

# ଓବିସିଙ୍କୁ ଅଣଦେଖା : ପୌରାଧ୍ୟକ୍ଷ ପଦ ପାଇଁ ନାହିଁ ସଂରକ୍ଷଣ

ଭୁବନେଶ୍ୱର, ୧୯/୭ (ନି.ପ୍ର): ବିରୋଧୀ ଆସନରେ ଥିବା ବେଳେ ପଛୁଆ ବର୍ଗ (ଓବିସି)ଙ୍କ ହକ୍ ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରୁଥିବା ବିଜେପି କ୍ଷମତାକୁ ଆସିବା ପରେ ନିଜ ଆଭିମୁଖ୍ୟ ବଦଳାଇ ଦେଇଛି । ନିକଟରେ ରାଜ୍ୟର ୩୫ଟି ପୌରାଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଥିବା ପ୍ରସ୍ତାବିତ ସଂରକ୍ଷଣ ତାଲିକାରେ ଓବିସି





ବର୍ଗଙ୍କ ପାଇଁ ଗୋଟିଏ ବି ସ୍ଥାନ ସଂରକ୍ଷିତ ନରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିର୍ବାଚନ ପୂର୍ବରୁ ଓବିସି ପ୍ରସଙ୍ଗକୁ ନେଇ ତତ୍କାଳୀନ ସରକାରଙ୍କୁ ଘେରୁଥିବା ଶାସକ ଦଳ ଏବେ ଏହି ପ୍ରସଙ୍ଗରେ ନିଜେ ବିରୋଧୀଙ୍କ ତୀବ୍ର ସମାଲୋଚନାର ଶିକାର ହୋଇଛି । ପ୍ରକାଶିତ ଖସଡ଼ା ତାଲିକା ଅନୁଯାୟୀ, ୩୫ଟି ପୌରାଧ୍ୟକ୍ଷ ପଦ ମଧ୍ୟରୁ ୧୧ଟି ଅନୁସୂଚିତ ଜାତି

◆◆ପୃଷ୍ଠା ୭

# ଗରିବଙ୍କ ଥାଳିରୁ ଉଭାନ ହେଉଛି ଅଣ୍ଡା: ବଜାରରେ ଗୋଟିଏକୁ ୯ ଟଙ୍କା, ବଢ଼ୁଛି ଖାଉଟିଙ୍କ ଚିନ୍ତା

ଭୁବନେଶ୍ୱର, ୧୯/୭ (ନି.ପ୍ର): ସାଧାରଣ ଲୋକଙ୍କ ପାଇଁ ଏବେ ଅଣ୍ଡା ଖାଇବା ବି କାଠିକର ପାଠ ହୋଇଗଲାଣି । ଯେଉଁ ଅଣ୍ଡାକୁ ଗରିବଙ୍କ ପ୍ରୋଟିନ୍ ବୋଲି କୁହାଯାଏ, ସେହି ଅଣ୍ଡା ଏବେ ପକେଟ୍‌ରେ ବୋଝ ବଢ଼ାଇଛି । ବର୍ତ୍ତମାନ ଖୁଚୁରା ବଜାରରେ ଗୋଟିଏ ଅଣ୍ଡା ୯ ଟଙ୍କାରେ ବିକ୍ରି ହେଉଥିବା ବେଳେ, ପୋଲ୍ଟ୍ରି ଫାର୍ମରୁ ଏହା ମାତ୍ର ୭ ଟଙ୍କା ୧୫ ପଇସାରେ ବାହାରୁଛି । ଅର୍ଥାତ୍ ଫାର୍ମରୁ ଆସି ଗ୍ରାହକଙ୍କ ହାତରେ ପହଞ୍ଚିବା ବେଳକୁ ଅଣ୍ଡା ପିଛା ପ୍ରାୟ ଦୁଇ ଟଙ୍କା ବଢ଼ିଯାଉଛି, ଯାହା ଖାଉଟିଙ୍କ ପାଇଁ ସିଧାସଳଖ ମାଡ଼ ହେଉଛି । ଅଣ୍ଡା ଦରବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ମଧ୍ୟ କାରଣ ସ୍ପଷ୍ଟ କରାଯାଇଛି । ସରକାରଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ପ୍ରଚଣ୍ଡ ଖରା ଯୋଗୁଁ ବ୍ୟାପକ କୁକୁଡ଼ା ମଡ଼କ ହୋଇଥିଲା । ଏହା ସହିତ ବିଦେଶକୁ ଅଣ୍ଡା ରପ୍ତାନି ବୃଦ୍ଧି ପାଇବା ଏବଂ ଖରାଛୁଟି ପରେ ସ୍କୁଲ୍ ଓ ଅଙ୍ଗନବାଡ଼ି ଖୋଲିବା ଫଳରେ ହଠାତ୍ ଅଣ୍ଡାର ଚାହିଦା ବଢ଼ିଯାଇଛି । ଚାହିଦା ଅନୁସାରେ ଯୋଗାଣ ନଥିବାରୁ ଦର ଏବେ ଉପରମୁହାଁ ହୋଇଛି ଏବଂ ଉତ୍ପାଦନ ବଢ଼ିଲେ ହିଁ ଦର କମିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଛନ୍ତି । ରାଜ୍ୟରେ ଏବେ ଉତ୍ପାଦନ ଓ ଆବଶ୍ୟକତା ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି । ବର୍ତ୍ତମାନ ରାଜ୍ୟରେ ପ୍ରତିଦିନ ପ୍ରାୟ ୧ କୋଟି ୨୬ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି ଏବଂ ବାର୍ଷିକ ଉତ୍ପାଦନ ୪୬୦ କୋଟି ରହିଛି । କିନ୍ତୁ ଏହା ବିପରୀତରେ ରାଜ୍ୟର ବାର୍ଷିକ ଆବଶ୍ୟକତା ୮୦୦ରୁ ୯୦୦ କୋଟି ଅଣ୍ଡା ରହିଛି । ଆବଶ୍ୟକତା ତୁଳନାରେ ଉତ୍ପାଦନ ଢେର୍ କମ୍ ଥିବାରୁ, ଏହି ବଡ଼ ଶୂନ୍ୟସ୍ଥାନ ହିଁ ଅଣ୍ଡା ଦର ବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ପାଲଟିଛି । ଏହି ସମସ୍ୟାର ସମାଧାନ ତଥା ଉତ୍ପାଦନ ବଢ଼ାଇବା ପାଇଁ ସରକାର ଏବେ ପୋଲ୍ଟ୍ରି ଫାର୍ମ ମାଲିକମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ତେବେ ଯେପର୍ଯ୍ୟନ୍ତ ଉତ୍ପାଦନ ବୃଦ୍ଧି ନପାଇଛି, ସେପର୍ଯ୍ୟନ୍ତ ବଢ଼ୁଥିବା ଦରର ବୋଝ କେବଳ ସାଧାରଣ ଖାଉଟିଙ୍କୁ ହିଁ ବୋହିବାକୁ ପଡ଼ିବ ।

# ଅଭିଷେକ ବାନର୍ଜୀଙ୍କୁ ଆଶ୍ୱସ୍ତି : କାର୍ଯ୍ୟାଳୟ ଉଚ୍ଛେଦ ଉପରେ କୋଲକତା ହାଇକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୧୯/୭ : ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନର୍ଜୀଙ୍କୁ ରବିବାର କୋଲକାତା ହାଇକୋର୍ଟଙ୍କଠାରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଦକ୍ଷିଣ ୨୪ ପ୍ରଗଣାର ଆମତଲାସ୍ଥିତ ତାଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଉପରେ ଚାଲିଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ତୁରନ୍ତ ରୋକ ଲଗାଇଛନ୍ତି। ଜଷ୍ଟିସ ରାଜା ବାସୁ ଚୌଧୁରୀଙ୍କ ସ୍ୱତନ୍ତ୍ର ବେଞ୍ଚ ଏହି ମାମଲାର ଜରୁରୀ ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାନର୍ଜୀଙ୍କ ସଂସ୍ଥା 'ଲିପ୍ସ ଆଣ୍ଡ ବାଉଣ୍ଡସ' ପକ୍ଷରୁ କୋର୍ଟରେ ଜରୁରୀ ଆବେଦନ କରାଯିବା ପରେ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଆସିଛି। ଜମିର ବୈଧ ଦସ୍ତାବିଜ୍ ଥାଇ ମଧ୍ୟ ଏହି କାର୍ଯ୍ୟାଳୟକୁ ବେଆଇନ ଭାବେ ଭଙ୍ଗାଯାଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଏହି ଉଚ୍ଛେଦକୁ ନେଇ ପଶ୍ଚିମବଙ୍ଗରେ ତୀବ୍ର ରାଜନୈତିକ ବିବାଦ ଦେଖାଦେଇଛି। ଟିଏମସି ଅଭିଯୋଗ କରିଛି ଯେ ବିଜେପି ନେତାଙ୍କ ଉପସ୍ଥିତିରେ ଏହି ଭଙ୍ଗାରୁଜା କରାଯାଇଛି। ସାଂସଦ ଅଭିଷେକ ବାନର୍ଜୀ ସୋସିଆଲ ମିଡିଆ ''ଏକ୍ସ'' ରେ ପୋଷ୍ଟ କରି ପଶ୍ଚିମବଙ୍ଗ ପୋଲିସକୁ ତୀବ୍ର ସମାଲୋଚନା କରିଛନ୍ତି। କୋର୍ଟରେ ମାମଲା ବିଚାରାଧୀ ଥିବା ବେଳେ ଏବଂ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଘୋଷଣା କରିଥିବା ସତ୍ତ୍ୱେ ଏଭଳି କରାଯିବା ଆଇନର ଉଲ୍ଲଂଘନ ବୋଲି ସେ କହିଛନ୍ତି।

◆◆ପୃଷ୍ଠା ୭

# ଆଜି ମୌସୁମୀ ଅଧିବେଶନ: ସର୍ବଦଳୀୟ ବୈଠକରୁ ହଙ୍ଗାମା, ଆସିପାରେ ୭ ଗୁରୁତ୍ୱପୂର୍ଣ୍ଣ ବିଲ୍

ନୂଆଦିଲ୍ଲୀ,୧୯/୭ : ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ । ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସର୍ବଦଳୀୟ ବୈଠକରେ ପ୍ରବଳ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି । ଶୃଙ୍ଖଳାର ସହ ଗୃହକାର୍ଯ୍ୟ ପରିଚାଳନା ପାଇଁ ସରକାର ଅପିଲ୍ କରିଥିଲେ ମଧ୍ୟ ବିରୋଧୀ ଦଳ ନିଜ ଜିଦରେ ଅଟଳ ଥିଲେ । ବିଶେଷକରି ତୃଣମୂଳ କଂଗ୍ରେସର ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ଏହି



ବୈଠକକୁ ଆମନ୍ତ୍ରଣ କରାଯିବାକୁ ନେଇ ଟିଏମସି ସାଂସଦମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ବୈଠକ ବର୍ଜନ କରିଥିଲେ । ଟିଏମସିର ଏହି ପ୍ରତିବାଦକୁ କଂଗ୍ରେସ, ସମାଜବାଦୀ ପାର୍ଟି, ଶିବସେନା (ଉଦ୍ଧବ ଗୋଷ୍ଠୀ) ଏବଂ ବାମପନ୍ଥୀ ଦଳଗୁଡ଼ିକ ସମର୍ଥନ କରି ସରକାରଙ୍କ ଉପରେ ବର୍ଷିଛନ୍ତି । ବିରୋଧୀଙ୍କ ହଙ୍ଗାମା ସତ୍ତ୍ୱେ ଏଥର ଅଧିବେଶନରେ ସରକାର ମୋଟ ୭ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଇବାକୁ ଲକ୍ଷ୍ୟ ରଖିଛନ୍ତି । ସେଥିମଧ୍ୟରୁ ୫ଟି ବିଲ୍‌କୁ ସରକାରୀ ଭାବେ ତାଲିକାଭୁକ୍ତ କରାଯାଇଛି:୧. 'ବନ୍ଦେ ମାତରମ୍' ସମ୍ମାନ ରକ୍ଷା ବିଲ୍, ୨. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଲ, ୩. ଆୟକର ସଂଶୋଧନ ବିଲ୍ -୨୦୨୬,

◆◆ପୃଷ୍ଠା ୭

# 'ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବ'ର ବାର୍ଷିକ ସମ୍ମିଳନୀ

## 'ସାମ୍ବାଦିକଙ୍କ ସେବା ସୀମାରେ ପହରାରତ ସୈନିକ କାର୍ଯ୍ୟଠାରୁ ବି କମ୍ ନୁହେଁ'

ବାଲେଶ୍ୱର, ୧୯/୦୭ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାମ୍ବାଦିକ ସଂଗଠନ 'ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବ'ର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଭେନ୍ୟା କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ 'ପାରମ୍ପରିକ ଗଣମାଧ୍ୟମ ମୌଳିକ ଆଦର୍ଶରୁ ଦୂରେଇବା ଓ ସୋସିଆଲ ମିଡିଆ ପ୍ରତି ଜନସାଧାରଣଙ୍କ ଭରସା ବୃଦ୍ଧି' ଶୀର୍ଷକ ଆଲୋଚନାଚକ୍ରରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ସମେତ ଦେଶର ଗଣମାଧ୍ୟମର ସ୍ଥିତି ଓ ଗତି ସମ୍ପର୍କରେ ଆଲୋଚନା କରିଥିଲେ। ସୀମାରେ ପହରାରତ ସୈନିକଙ୍କ କାର୍ଯ୍ୟ ତୁଳନାରେ ସାମ୍ବାଦିକଙ୍କ କାର୍ଯ୍ୟ କୌଣସି ଗୁଣରେ କମ ନୁହେଁ ବୋଲି ସେ ମତ ଦେଇଥିଲେ। ଯେ କୌଣସି ଜରୁରୀକାଳୀନ ସ୍ଥିତିରେ ସାମ୍ବାଦିକ





ନିଜ ଜୀବନକୁ ବାଜି ଲଗାଇ ପ୍ରଶାସନ ପୂର୍ବରୁ ଘଟଣା ସ୍ଥଳରେ ପହଞ୍ଚିବା ଛୋଟିଆ କଥା ନୁହେଁ ବୋଲି ଶ୍ରୀମତୀ ଜେନା କହିଥଲେ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମ ପ୍ରତି ସବୁବର୍ଗର ଲୋକଙ୍କ ଆଗ୍ରହ ବୃଦ୍ଧି ଭଲକଥା, ମାତ୍ର ମିଥ୍ୟା ଖବର ପ୍ରଚାର କରି ଜନସାଧାରଣଙ୍କୁ ଭ୍ରମିତ କରାଯିବା ଉଚିତ ନୁହେଁ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇ କେବଳ ସାମ୍ବାଦିକତା ନୁହେଁ, ପ୍ରତିଟି କ୍ଷେତ୍ରରେ ରାଜଧର୍ମ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ। କ୍ଷମତାରେ ଥାଇ ରାଜଧର୍ମ ପାଳନ କରିଥିବା ବ୍ୟକ୍ତି ବିଶେଷ ହିଁ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବା ସହିତ ସମସ୍ତଙ୍କ ଠାରେ ସ୍ମରଣୀୟ ହୋଇଥା'ନ୍ତି ବୋଲି ସେ ମତ ଦେଇଥିଲେ। ତେଣୁ ସାମ୍ବାଦିକମାନେ ସର୍ବଦା ସତ୍ୟ ରୂପକ ଢ଼ାଲ ସହିତ ଖଣ୍ଡା ଭଳି କଲମ ଶାଣିତ ଚଳାଇବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଶେଷ ଅତିଥି ଭାବେ ବିଶ୍ୱବାଣୀ ଖବର କାଗଜର ସମ୍ପାଦକ ଅର୍ଜୁନ ମୁଦୁଲି ଏଥିରେ ଯୋଗଦେଇ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାରୀ ଉଦାସୀନତା ନିରପେକ୍ଷ ସାମ୍ବାଦିକତାରେ କିଭଳି ଅନ୍ତରାୟ ହୋଇଥାଏ, ସେ ସମ୍ପର୍କରେ କଥା ରଖିଥିଲେ। ଦେଶର ୨୨ ରାଜ୍ୟର ସରକାର ବରିଷ୍ଠ ସାମ୍ବାଦିକଙ୍କୁ ୯ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଭତ୍ତା ପ୍ରଦାନ କରୁଥିବାବେଳ ଓଡ଼ିଶାରେ ପୂର୍ବରୁ ସାମ୍ବାଦିକଙ୍କୁ ମିଳୁଥିବା ରେଳଯାତ୍ରା ଭଡ଼ାର ୫୦ ପ୍ରତିଶତ ରିଆତିକୁ ସରକାର ବନ୍ଦ କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ଏନେଇ ବାଲେଶ୍ୱରରୁ ସାଂସଦଙ୍କ ଜରିଆରେ ଦାବି ଉପସ୍ଥାପନ ପାଇଁ ସେ ସାମ୍ବାଦିକଙ୍କୁ ଆହ୍ୱାନ ଦେଇଥିଲେ। ସେଇଠୁ ଆରମ୍ଭ ଖବରକାଗଜ ସମ୍ପାଦକ ଶୁଭେନ୍ଦୁ ଦାସ, ଧ୍ୱନି ପ୍ରତିଧ୍ୱନି ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ପୂର୍ବତନ ପୌରପାଳ ଆଲୋକ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, 'ଜନପ୍ରିୟ' ଖବରକାଗଜ ସମ୍ପାଦକ ସମାଜସେବୀ ନରେନ୍ଦ୍ର ବିହାରୀ ଦାସ, ସମାଜସେବୀ ଅଜୟ କୁମାର ବିଶ୍ୱାଳ ଓ ଗୀତାଞ୍ଜଳି ଫାଉଣ୍ଡେସନ ଅଧ୍ୟକ୍ଷା ଏସ ଗୀତାଞ୍ଜଳି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଭରସା ବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

◆◆ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬

ଅବଗଣନା

୦୭ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ରଥଯାତ୍ରା-୨୦୨୬: ପୁରୀ ମହାନଗର ନିଗମ ପକ୍ଷରୁ ସୁନିଶ୍ଚିତ ହେଉଛି ନିରବଚ୍ଛିନ୍ନ ନାଗରିକ ସେବା

ପୁରୀ/ଭୁବନେଶ୍ୱର, ୧୯/୦୭ (ନି.ପ୍ର): 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଆଭିମୁଖ୍ୟକୁ ଆଧାର କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେଉଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସ୍ୱାଗତ ପାଇଁ ପବିତ୍ର ଶ୍ରୀକ୍ଷେତ୍ରରେ ଏକ ବୃହତ୍ ନାଗରିକ ସେବା ଅଭିଯାନ ଜାରି ରହିଛି। ଏହି ବ୍ୟାପକ ସ୍ୱଚ୍ଛତା ଅଭିଯାନର ପ୍ରକୃତ କର୍ଣ୍ଣଧାର ହେଉଛନ୍ତି ହଜାର ହଜାର ଉତ୍ସର୍ଗୀକୃତ ସଫେଇ କର୍ମଚାରୀ, ଯେଉଁମାନେ ସହରକୁ ନିର୍ମଳ ରଖିବା ପାଇଁ କ୍ଷେତ୍ର ସ୍ତରରେ ୨୪ ଘଣ୍ଟା ନିରନ୍ତର ଶ୍ରମଦାନ କରୁଛନ୍ତି। ମୌସୁମୀ ବର୍ଷା ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭକ୍ତମାନଙ୍କୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ପୁରୀ ମହାନଗର ନିଗମ (ପିଏମସି) ପକ୍ଷରୁ ଏକ ବୃହତମ ନାଗରିକ ସେବା ନିୟୋଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୋଲିସ, ଅଗ୍ନିଶମ ସେବା ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ଉତ୍କୃଷ୍ଟ ସୁସମନ୍ୱୟ ରକ୍ଷା କରି ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଭାଗରେ ବ୍ୟାପକ ମାନବ ସମ୍ବଳ, ଯନ୍ତ୍ରପାତି ଓ ଭିତିଭୂମି ନିୟୋଜିତ କରାଯାଇଛି।

ଏହି ଅଭିଯାନରେ ସ୍ୱଚ୍ଛତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ପବିତ୍ର ରୀତିନୀତି ପାଇଁ ବଡ଼ଦାଣ୍ଡ ଓ ଗୁଣ୍ଡିଚା ମନ୍ଦିର ପରିସରରେ ବ୍ୟାପକ ରାତ୍ରିକାଳୀନ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ସହରରେ ଦିନସାରା ବିଭିନ୍ନ ସ୍ଥାନରେ ଖାଦ୍ୟ ବଂଟନ ଜାରି ରହିଥିବା ବେଳେ ବର୍ଜ୍ୟବସ୍ତୁର ତୁରନ୍ତ ନିଷ୍କାସନ ଓ ଆବର୍ଜନା ଜମା ନହେବା ପାଇଁ ବଡ଼ଦାଣ୍ଡ, ରଥର ଆଭ୍ୟନ୍ତରୀଣ ସ୍ଥଳ, ମନ୍ଦିର ପରିସର, ବେଳାଭୂମି ରାସ୍ତା ତଥା ଅଧିକ ଜନଗହଳି ପୂର୍ଣ୍ଣ ଅଂଚଳରେ ବିଶେଷ ସଫେଇ ଦଳ ସହ ଆବର୍ଜନା ସଂଗ୍ରହ ଗାଡ଼ିଗୁଡ଼ିକୁ ନିରନ୍ତର ମୁତୟନ କରାଯାଇଛି। ରଥଯାତ୍ରା ଲାଗି ପୌରପାଳିକା ପକ୍ଷରୁ ହାତକୁ ନିଆଯାଇଥିବା ଏହି ବୃହତମ ସଫେଇ ଅଭିଯାନରେ ୧,୪୫୧ ଜଣ ସଫେଇ କର୍ମଚାରୀ, ୫୭୦ଟି ଆବର୍ଜନା ସଂଗ୍ରହ ଗାଡ଼ି, ୧୫ଟି ସେସପୁଲ୍ ଗାଡ଼ି ଏବଂ ୩ଟି ମେକାନିକାଲ୍ ରୋଡ୍ ସ୍ୱିପିଂ ମେସିନ୍ ନିୟୋଜିତ ହୋଇଛି, ଯାହାଦ୍ୱାରା ଅବିରତ ସଫେଇ ଓ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ ସୁନିଶ୍ଚିତ କରାଯାଇପାରୁଛି।

ବର୍ଷାର ମୁକାବିଲା ନିମନ୍ତେ ମହାନଗର ନିଗମ ପକ୍ଷରୁ ୨୩ଟି ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ରକ୍ଷଣାବେକ୍ଷଣ ଦଳ ସହ ଜରୁରୀକାଳୀନ ମରାମତି ପାଇଁ ବଫର୍ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି, ଯାହାଦ୍ୱାରା ଯଥାଶୀଘ୍ର ପୁନରୁଦ୍ଧାର ସମ୍ଭବ ହେଉଛି। ଜଳବନ୍ଦୀ ପ୍ରବଣ ଅଞ୍ଚଳରୁ ତୁରନ୍ତ ଜଳ ନିଷ୍କାସନ ଏବଂ ଭକ୍ତଙ୍କ ଅବାଧ ଯାତାୟାତ ପାଇଁ ମହାନଗର ନିଗମ ୩୮ଟି ଡିୱାଟରିଂ ପମ୍ପ, ଅଗ୍ନିଶମ ସେବା ବିଭାଗର ୫୦ଟି ଅତିରିକ୍ତ ପମ୍ପ ଏବଂ ମିନିଟ୍ ପ୍ରତି ପ୍ରାୟ ୩,୦୦୦ ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ୧୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ସେଟ୍ କାର୍ଯ୍ୟ କରୁଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପୋଲିସ ଆକମୋଡେସନ କ୍ୟାମ୍ପ, ପାର୍କିଂ ସ୍ଥଳ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପ୍ରାୟ ୧,୬୦୦ଟି ଅସ୍ଥାୟୀ ଓ ମୋବାଇଲ ଶୌଚାଳୟ (ରଜତ ୟୁନିଟ୍, ମୋବାଇଲ୍ ଟଏଲେଟ୍ ଭ୍ୟାନ୍, ୟୁରିନାଲ୍ ଏବଂ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ସହ) ସ୍ଥାପନ କରାଯାଇଛି। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷା କରିବା ପାଇଁ ପ୍ରତି କ୍ଲଷ୍ଟରକୁ ଜିଓ-ଟ୍ୟାଗିଂ କରାଯାଇ ଉତ୍ସର୍ଗୀକୃତ ସଫେଇ କର୍ମଚାରୀଙ୍କ ଦ୍ୱାରା ୨୪ ଘଣ୍ଟା ରକ୍ଷଣାବେକ୍ଷଣ କରାଯାଉଛି। ଏହା ସହିତ ନିରାପଦ ଯାତାୟାତ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରାୟ ୩,୦୦୦ଟି ଅସ୍ଥାୟୀ ଆଲୋକ ବ୍ୟବସ୍ଥା କରାଯାଇଛି ଏବଂ କୌଣସି ଯାନ୍ତ୍ରିକ ତ୍ରୁଟିର ତୁରନ୍ତ ନିରାକରଣ ପାଇଁ ମେଣ୍ଟେନାନ୍ସ ଟିମ୍ ସର୍ବଦା ପ୍ରସ୍ତୁତ ରହିଛନ୍ତି।

# ମିଲର ଖାଇଗଲେ ଚାଷୀଙ୍କ ସବ୍‌ସିଡି ଓ ଏମ୍‌ଏସ୍‌ପି ବାବଦକୁ ୧୫ କୋଟି ଟଙ୍କା

ରାୟଗଡା(ଶିବପ୍ରସାଦ ଦୋରା), ୧୯/୦୭ (ନି.ପ୍ର): ଓଡ଼ିଶାରେ ବିଜେପି ସରକାରକୁ ଆସିବା ପରେ ଚାଷୀଙ୍କ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସବ୍‌ସିଡି ସହିତ କ୍ୱିଣ୍ଟାଲ ପ୍ରତି ୩୧୦୦/- ଟଙ୍କାକୁ ବୃଦ୍ଧି କରିଛନ୍ତି। କିନ୍ତୁ ଏହାର ଲାଭ ଚାଷିଙ୍କୁ ମିଳୁନାହିଁ। ସମବାୟ ସମିତି କର୍ମକର୍ତ୍ତା, ବ୍ୟାଙ୍କ୍ କର୍ମଚାରୀଙ୍କୁ ଧରି ମିଲରମାନେ ଏହାକୁ ହାତେଇ ନେଉଛନ୍ତି। ଏହି କ୍ରମରେ ଚଳିତ ଖରିଫ ଓ ରବି ଋତୁରେ ମିଲର ମାନେ ଯୋଜନା ବଦ୍ଧ ଭାବେ ପଦ୍ମପୁର ଚାଷିଙ୍କ ଠାରୁ ପ୍ରାୟ ୧୫କୋଟି ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଚାଷି ମାନଙ୍କ ଅଭିଯୋଗ କରିଛନ୍ତି, ମିଲରମାନେ ନିଜେ ଧାନ କିଣୁ ନାହାନ୍ତି, ବରଂ ମଧ୍ୟସ୍ଥି ସାଜି ସମସ୍ତ ଧାନ ଆନ୍ଧ୍ର ବ୍ୟବସାୟିଙ୍କୁ ବିକ୍ରୟ କରିଦେଉଛନ୍ତି। ଧାନର ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଥିବାରୁ ମିଲରମାନେ ଏଥିରୁ ଲୁଟ୍ କରିବାର ନୂଆ ଉପାୟ ବାହାର କରିଛନ୍ତି। ଟୋକେନ ଦେବା ବେଳେ ଚାଷୀଙ୍କ ଠାରୁ ପଦ୍ମପୁର ବ୍ଲକର ପ୍ରତ୍ୟେକ ମିଲର୍ ଏକ କ୍ୱିଣ୍ଟାଲ ଧାନ ପିଛା ଅଧିକ ୫ କେଜି ଧାନ ଏବଂ ନଗଦ ୧୦୦୦ ଟଙ୍କା ଆଗୁଆ ଚାଷୀଙ୍କ ଠାରୁ ମାଗି ନେଉଛନ୍ତି। ଉକ୍ତ ଟଙ୍କା ଦେବା ପରେ ହିଁ ବିକ୍ରୟ କରିବା ପାଇଁ ଧାନ ଟୋକନ୍ ଦେଉଛନ୍ତି। ପରେ ରିସିଭ ରିସିପ୍ଟ ରେ ଦସ୍ତଖତ କରାଇ ପଦ୍ମପୁର ଲ୍ୟାମ୍ପ କର୍ତ୍ତୃପକ୍ଷ ଉକ୍ତ ଟୋକନ୍‌କୁ ସ୍କାନ କରୁଛନ୍ତି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚାଷୀଙ୍କ ସବ୍‌ସିଡି ଟଙ୍କାରୁ କ୍ୱିଣ୍ଟାଲ ପିଛା ୧୧୦୦ ଟଙ୍କା ମିଲର ମାନେ ନେଇଯାଉଛନ୍ତି। ଏଥିରେ ରାୟଗଡ଼ାଜିଲ୍ଲା ଯୋଗାଣ ବିଭାଗ ଓ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ପ୍ରଚ୍ଛନ୍ନ ସମ୍ପୃକ୍ତି ରହିଛି। ଏପରିକି ଅଭିଯୋଗ କରିବା ସତ୍ତ୍ୱେ ରାୟଗଡା ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପଦ୍ମପୁର ବ୍ଲକରେ ମିଲର, ଯୋଗାଣ ବିଭାଗ, ଲ୍ୟାମ୍ପ ମିଳିତ ହୋଇ ଚାଷୀଙ୍କ ଠାରୁ ପ୍ରାୟ ୧୫ କୋଟି ଟଙ୍କା ହଡ଼ପ ହୋଇଛି। ଏପରିକି ଚଳିତ ବର୍ଷ ପଦ୍ମପୁର ବ୍ଲକରେ ରବି ଋତୁରେ ଉତ୍ପାଦିତ ଧାନ ମଣ୍ଡିରେ କିଣାଯାଇଛି ବୋଲି କୁହାଯାଇଥିଲେ ମଧ୍ୟ ବ୍ଲକର କୌଣସି ମିଲର ଙ୍କ ନିକଟରେ ଧାନ ଗଛିତ ନାହିଁ। ସ୍ୱତନ୍ତ୍ର ସ୍କାଡ ଦ୍ୱାରା ଏହାର ତଦନ୍ତ ଏହାର ସତ୍ୟତା ସାମ୍ନାକୁ ଆସିବ ବୋଲି ଚାଷି ମାନେ ଦାବି କରିଛନ୍ତି। ମିଲର ମାନଙ୍କ ପାଖରେ ଚାଉଳ ଟ୍ରେଡିଙ୍ଗ ଲାଇସେନ୍ସ ରହିଥିବାରୁ ଉକ୍ତ ଧାନର ପ୍ରତିବଦଳରେ ସେମାନେ ଖୋଲା ବଜାରରୁ ଅତି କମ୍ ମୂଲ୍ୟରେ ଚାଉଳ କିଣି ରିସାଇକ୍ଲିଂ କରିବା ଆଶଙ୍କା ପ୍ରକାଶ ପାଇଛି।

# ଚେକ୍ ବାଉନ୍ସ ମାମଲାର ସମାଧାନ ସକାଶେ ସ୍ୱତନ୍ତ୍ର ଲୋକ ଅଦାଲତ

ଜୟପୁର, ୧୯/୦୭ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଲୋକ ଅଦାଲତ ଜିଲ୍ଲା ମୁଖ୍ୟାଳୟ ବିଚାରବିଭାଗୀୟ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ସ୍ୱତନ୍ତ୍ର ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ମାମଲା ଆପୋଷ ସହମତିରେ ସମାଧାନ କରାଯାଇଥିଲା। ଉକ୍ତ ଅଦାଲତରେ ଜିଲ୍ଲା ଦୌରାଜଜ କୋରାପୁଟ- ଜୟପୁର ପ୍ରଦୀପ କୁମାର ମହନ୍ତ, ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜାତା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ହରମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ମୋକଦ୍ଦମା ଗୁଡିକ ଫୈଇସଲା କରିଥିଲେ। ଆଇନଜୀବି ଶ୍ରୀ, ଜେ.ସତ୍ୟନାରାୟଣ ଆଚାରୀ, ଶ୍ରୀମତି ରାକ୍ଷୀ ବାଇ ପ୍ରମୁଖ ଲୋକଅଦାଲତ ବେଂଚ୍ ମାନଙ୍କରେ ସହଯୋଗ କରିଥିଲେ। ଏଥିରେ ସର୍ବମୋଟ ବିଚାରାଧିନ ମୋକଦ୍ଦମା ୧୬ ମଧ୍ୟରୁ ୧୦ ଟି ମାମଲା ଫୈସଲା କରାଯାଇ ୨୭,୬୧,୯୬୧/- ଟଙ୍କା ସମାଧାନ ରାଶି ଧାର୍ଯ୍ୟ କରାଯାଇଥିଲା।

# ପ୍ରଦୂଷଣ ନିୟମ ଉଲ୍ଲଂଘନ : ଅଗ୍ରସେନ ସ୍ପଞ୍ଜର ୩ଟି ୟୁନିଟକୁ ସିଲ୍ କଲା ପ୍ରଶାସନ

ରାଉରକେଲା, ୧୯/୦୭ (ନି.ପ୍ର): କଠିନ ଆବର୍ଜନା ଓ ଫ୍ଲାଏ ଆଶ ର ଅବୈଧ ଡମ୍ପିଂ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଂଚଳିକ ଶାଖା ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଓ ସଂସ୍ଥାଙ୍କ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧.୮୦ କୋଟି ଟଙ୍କା ପରିବେଶଗତ କ୍ଷତିପୂରଣ ଆଦାୟ କରିଛି। ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ଅଭିଯୋଗରେ ଆଜି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି), ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ରାଜଗାଙ୍ଗପୁରସ୍ଥିତ ଅଗ୍ରସେନ ସ୍ପଞ୍ଜର ୩ଟି ୟୁନିଟକୁ ସିଲ୍ କରାଯାଇଛି।

ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଂଚଳିକ ଅଧିକାରୀ ଡଃ. ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ, କାରଖାନା ପରିସର ମଧ୍ୟରେ ୩ଟି ସ୍ଥାନରେ ଏକସଙ୍ଗେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସେଗୁଡ଼ିକ ହେଲା, ପିଏଲସି କଂଟ୍ରୋଲ ରୁମ୍, କଂଚାମାଲ ଫିଡିଂ ପଏଂଟ ଏବଂ ୩୩ କେଭି ବିଦ୍ୟୁତ ସଂଯୋଗ ସ୍ଥଳ।

ଏସପିସିବି, ରାଉରକେଲା ପକ୍ଷରୁ କୁହାଯାଇଛି ଯେ, ବାୟୁ ଏବଂ ଜଳ ଆଇନ ଅନୁଯାୟୀ ଦିଆଯାଇଥିବା ସର୍ତାବଳୀ ଉଲ୍ଲଂଘନ କରି କାରଖାନା ଚାଲୁଥିଲା। ବାରମ୍ବାର ନିୟମ ଅଣଦେଖା ଏବଂ ନିର୍ଦ୍ଧାରିତ ପରିବେଶ ମାନଦଣ୍ଡ ପୂରଣ ନକରିବା ଯୋଗୁଁ ବିଭିନ୍ନ ଶିଳ୍ପ କାରଖାନା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ଏସପିସିବି, ରାଉରକେଲାର ଏକ ଟିମ୍, ସ୍ଥାନୀୟ ପ୍ରଶାସନ, ଟିପିଡବ୍ଲୁଓଡି ଏବଂ ପୋଲିସ ଉପସ୍ଥିତିରେ ସିଲ୍ କାର୍ଯ୍ୟ ସମ୍ପନ୍ନ କରିଛି। ସିଲ୍ ହୋଇଥିବା ସ୍ଥାନରେ ନୋଟିସ୍ ମଧ୍ୟ ଲଗାଯାଇଛି ଯେ, ବୋର୍ଡର ପରବର୍ତୀ ଅନୁମତି ନମିଳିବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ। ଉଲ୍ଲଂଘନକୁ ସୁଧାରି ଅନୁପାଳନ ରିପୋର୍ଟ ଦାଖଲ କରିବା ପରେ ହିଁ କାରଖାନା ପରିଚାଳନାକୁ ଡି-ସିଲ୍ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୋର୍ଡ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ଚଳିତ ଏପ୍ରିଲରୁ ଏବେ ପର୍ଯ୍ୟନ୍ତ ଆରଓଏସପିସିବି, ରାଉରକେଲା ଦ୍ୱାରା ନିୟମ ଉଲ୍ଲଂଘନକାରୀ ଶିଳ୍ପଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୫-୨୬ରେ ଓଏସପିସିବି, ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ୪୧ ଟି ଶିଳ୍ପ କୁ ବନ୍ଦ କରିବା ନିର୍ଦ୍ଦେଶ ନୋଟିସ୍ ଜାରି କରାଯାଇଛି। ୩୧ଟି ଶିଳ୍ପ ସଂସ୍ଥା କୁ ସିଲ୍ କରାଯାଇଥିବା ବେଳେ୧୦୦ ଟି ଶିଳ୍ପକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ୭ଟି ଶିଳ୍ପ କାରଖାନାକୁ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ପରିବେଶ ସୁରକ୍ଷା ଆଇନ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନୁମତି ସର୍ତ ଉଲ୍ଲଂଘନ କରି କଠିନ ଆବର୍ଜନା, ଫ୍ଲାଏ ଆସ୍ ଏବଂ ଅନ୍ୟାନ୍ୟ ବିପଜ୍ଜନକ ପଦାର୍ଥ ଡମ୍ପ କରୁଥିବା ଶିଳ୍ପଗୁଡ଼ିକ ଉପରେ ମୁଖ୍ୟ ଧ୍ୟାନ ଦିଆଯାଉଛି। ବୋର୍ଡ ପକ୍ଷରୁ ରାଉରକେଲା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, କଳୁଙ୍ଗା, ବଣାଇ ଭଳି ଶିଳ୍ପ କାରଖାନାରେ ଯାଂଚ୍ କୁ ତୀବ୍ର କରାଯାଇଛି।

ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଂଚଳିକ ଅଧିକାରୀ ଡଃ. ଅନୁପ କୁମାର ମଲ୍ଲିକ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଶିଳ୍ପ କାରଖାନା ଗୁଡିକ ତ୍ରୁଟି ସୁଧାର ନକଲେ ଆଗାମୀ ଦିନରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଅରୋହୀ ମୃତ

ବ୍ରଜରାଜନଗର, ୧୯/୦୭ (ନି.ପ୍ର): ଝାରସୁଗୁଡ଼ାଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ଗଣ୍ଡଘୋରା ଛକ ନିକଟରେ ଆଜି ପୂର୍ବାହ୍ନରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜଣକ ସମ୍ବଲପୁର ଜିଲ୍ଲା ମହୁଲପାଣି ଥାନା ଅନ୍ତର୍ଗତ ବଗଡିହି ଗାଁର ପ୍ରଦୀପ ମୁଣ୍ଡା(୨୬) ବୋଲି ଜଣାପଡିଛି। ସେ ବ୍ରଜରାଜନଗରରେ ଏକ ଭଡ଼ା ଘରେ ରହି ଏକ ଫ୍ଲିପକାର୍ଟ କମ୍ପାନିରେ କାର୍ଯ୍ୟ କରୁଥିଲା। ଖବରପାଇ ବ୍ରଜରାଜନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇ ଅନୁସନ୍ଧାନ କରୁଛି। ପରିବାର ଲୋକେ ଆସିବା ପରେ ଶବ ବ୍ୟବଛେଦ କରାଯିବ। ସୂଚନା ଅନୁଯାୟୀ, ପ୍ରଦୀପ ଆଜି ଅନ୍ୟ ଜଣଙ୍କ ବାଇକ୍ (OR-15-A-6917)ରେ ସମ୍ବଲପୁରରୁ ବ୍ରଜରାଜନଗର ଫେରୁଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ବରଘାଟ ଛକ ନିକଟରେ କୌଣସି ଏକ ଅଜଣା ଯାନ ତାଙ୍କୁ ଜୋରରେ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା। ଦୁର୍ଘଟଣା କରି ଫେରାର ହୋଇଯାଇଥିବା ଯାନକୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି।

# ରେଳବାଇ ବିଦ୍ୟୁତୀକରଣ ତମ୍ବା ତାର ଚୋରି ଘଟଣାର ପର୍ଦ୍ଦାଫାଶ : ୬ ଅଭିଯୁକ୍ତ ଗିରଫ, ୧୫୦ କେଜି ତମ୍ବା ତାର ଓ କାର୍ ଜବତ

ଝାରସୁଗୁଡ଼ା, ୧୯/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ପୋଲିସ ଏକ ସଂଗଠିତ ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ବଡ଼ ସଫଳତା ହାସଲ କରିଛି। ରେଳବାଇ ବିଦ୍ୟୁତୀକରଣ କାର୍ଯ୍ୟରେ ବ୍ୟବହୃତ ଦାମୀ ତମ୍ବା ତାର ଚୋରି ଅଭିଯୋଗରେ ଗ୍ୟାଙ୍ଗର ମୁଖ୍ୟ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୨.୪୦ ଲକ୍ଷ ଟଙ୍କା ମୂଲ୍ୟର ୧୫୦ କିଲୋଗ୍ରାମ ତମ୍ବା ତାର, ଚୋରିରେ ବ୍ୟବହୃତ ଏକ ମାରୁତି ବାଲେନୋ କାର୍ ସହ ସାବଳ, ତାର କଟା ନିଆଳି, ଟାଙ୍ଗିଆ, ଛୁରୀ ଓ ବାଟୁଳି ଭଳି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୪ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ୫୦ ମିନିଟ୍ ସମୟରେ ଡାଲଗାଁସ୍ଥିତ ସନସିଟି ଉର୍ଜା ପ୍ରାଇଭେଟ୍ ଲିମିଟେଡ୍ର ଷ୍ଟୋର ୟାର୍ଡରେ ୮ରୁ ୧୨ ଜଣ ସଶସ୍ତ୍ର ଦୁର୍ବୃତ୍ତ ପାଚେରୀ ଭାଙ୍ଗି ପ୍ରବେଶ କରିଥିଲେ। ସୁରକ୍ଷା କର୍ମୀଙ୍କ ଉପରକୁ ପଥର, ଇଟା ଓ କାଚ ବୋତଲ ଫିଙ୍ଗି ଆକ୍ରମଣ କରିବା ସହ ବିପୁଳ ପରିମାଣର ତମ୍ବା ତାର ଲୁଟି ନେବାକୁ ଉଦ୍ୟମ କରିଥିଲେ। ତେବେ କମ୍ପାନୀ କର୍ମଚାରୀଙ୍କ ତତ୍ପରତାରେ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ।

ଏହି ଘଟଣାରେ ବନହରପାଲି ଥାନାରେ ମାମଲା ରୁଜୁ କରି ପୋଲିସ ବୈଜ୍ଞାନିକ ଏବଂ ବୈଷୟିକ ପ୍ରମାଣ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ପରବର୍ତୀ ଚଢ଼ଉରେ ଗ୍ୟାଙ୍ଗର ମୁଖ୍ୟ ତଥା ସ୍କ୍ରାପ୍ ବ୍ୟବସାୟୀ ମନୋରଞ୍ଜନ ପ୍ରଧାନ ଓରଫ ପପୁଙ୍କ ସମେତ ପ୍ରଶାନ୍ତ ମାଝୀ, ନେତ୍ର ମାର୍ଡୀ, ରବି ବାର୍ଲା, ଡାକ୍ତର ସେଠ୍ ଓ ଦିନେଶ ହାତୀଙ୍କୁ ଗିରଫ କରାଯାଇଛି।

ତଦନ୍ତରୁ ଜଣାପଡ଼ିଛି ଯେ, ଗ୍ୟାଙ୍ଗର ମୁଖ୍ୟ ମନୋରଞ୍ଜନ ପ୍ରଧାନ ବିଭିନ୍ନ ଶିଳ୍ପାଞ୍ଚଳରେ ପୂର୍ବରୁ ରେକି କରି ଗ୍ୟାଙ୍ଗ ସଦସ୍ୟଙ୍କୁ ଚୋରି ପାଇଁ ନିୟୋଜିତ କରୁଥିଲେ। ପରେ ଚୋରି ହୋଇଥିବା ତମ୍ବା ତାରକୁ ସ୍କ୍ରାପ୍ ବଜାରରେ ବେଆଇନ ଭାବେ ବିକ୍ରି କରାଯାଉଥିଲା। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଗ୍ୟାଙ୍ଗ ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଏଭଳି ଅନ୍ୟ ଚୋରି ଘଟଣାରେ ସେମାନଙ୍କ ସଂପୃକ୍ତି ରହିଛି କି ନାହିଁ, ସେନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବନହରପାଲି ପୋଲିସ ସୂଚନା ଦେଇଛି।

# ପାହାଡ଼ ଚଢ଼ିପାରୁନି ଆବାସ: ଝାଟିମାଟି କୁଡ଼ିଆରେ ୫ ଗ୍ରାମର ୨୮୦ ପରିବାର



ମାଲକାନଗିରି, ୧୯/୦୭ (ନି.ପ୍ର): ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ଅପହଞ୍ଚ ପାଲଟିଛି ଆବାସ। ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର କୁରମାନୁର ଓ ତେଲରାଇ ପଞ୍ଚାୟତର ପାହାଡ଼ ଉପର ୫ଟି ଗ୍ରାମରେ ପହଞ୍ଚିପାରିନି ସରକାରୀ ଯୋଜନା। ଫଳରେ ଚିଲକାମାନୁର, ଏଲକାନୁର, କୋରଗାଉଡ଼ି, ଦୁଲାଗଣ୍ଡି ଏବଂ ଚପଲପଡ଼ା ଗ୍ରାମର ୨୮୦ ପରିବାର ଝାଟିମାଟି କୁଡ଼ିଆରେ ବସବାସ କରୁଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଆବାସ ନ ମିଳିଲେ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏଲକାନୁର ଗ୍ରାମରେ ୬୦ ପରିବାର ବସବାସ କରୁଥିବାବେଳେ ଚିଲକାମାନୁର ଗ୍ରାମରେ ୫୦, କୋରଗାଉଡ଼ି ଗ୍ରାମରେ ୪୦, ଦୁଲାଗୁଣ୍ଡି ଗ୍ରାମରେ ୮୦ ଏବଂ ଚପଲପଡ଼ା ଗ୍ରାମରେ ୫୦ ପରିବାର ବସବାସ କରୁଛନ୍ତି। ସମସ୍ତେ ଆଦିବାସୀ ସଂପ୍ରଦାୟର। ଗାଁ'ଗୁଡ଼ିକ ପାହାଡ଼ ଉପରେ ଥିବାରୁ ଏବେ ଘାଟ୍‌କଟିଂ କରି ଗମନାଗମନ ସୁବିଧା କରାଯାଇଛି। ବାରମ୍ବାର ଆବେଦନ ସତ୍ତ୍ୱେ ଗ୍ରାମବାସୀଙ୍କୁ ଆବାସ କାର୍ଯ୍ୟାଦେଶ ମିଳିପାରୁନି। ୫ଟି ଗାଁ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବାରୁ ଲୋକେ ଦୈନନ୍ଦିନ କାର୍ଯ୍ୟ ଲାଗି ଆନ୍ଧ୍ର ଉପରେ ନିର୍ଭରଶୀଳ। ଆନ୍ଧ୍ର ଦ୍ୱାରା ଗ୍ରାମବାସୀ ପ୍ରଭାବିତ ହୋଇଥିବାରୁ ଓଡ଼ିଆ ବଦଳରେ ତେଲୁଗୁ ଭାଷାରେ କଥା ହେଉଛନ୍ତି। ଦିନେ ଏହି ଦୁର୍ଗମ ଗାଁ'ମାନଙ୍କରେ ନକ୍ସଲ ଭୟରେ ସରକାରୀ ବାବୁଙ୍କ ପାଦ ପଡୁନଥିଲା। ବିଳମ୍ବରେ ହେଲେ ମଧ୍ୟ ନିକଟରେ ପାହାଡ଼କୁ କାଟି ରାସ୍ତା ନିର୍ମାଣ ହୋଇଥିବା ବେଳେ ଜୀବନଜୀବିକା ପନ୍ଥା କିଛି ନଥିବାରୁ ଲୋକେ ପୋଡୁଚାଷ କରି ଗୁଜରାଣ ମେଣ୍ଟାଉଛନ୍ତି। ଜନପ୍ରତିନିଧି ମଧ୍ୟ କାଁଭାଁ ଗାଁ'କୁ ଆସିଛନ୍ତି। ନିର୍ବାଚନ ପରେ କାହାର ଦେଖା ମିଳୁନଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଗାଁମୁହାଁ ହୋଇଛନ୍ତି ନେତା। ତେବେ ଗାଁକୁ ଆସୁଥିବା ଜନପ୍ରତିନିଧିଙ୍କୁ ଗ୍ରାମବାସୀ ଚେତାଇ ଦେଇଛନ୍ତି, ଏଥର ନିର୍ବାଚନ ପୂର୍ବରୁ ଆବାସ ନ ମିଳିଲେ ଭୋଟବର୍ଜନ କରିବେ। ଆବାସ ଯୋଜନାକୁ ଛାଡ଼ିଲେ ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ମଧ୍ୟ ଗାଁରେ ପହଞ୍ଚି ପାରିନି। ପିଲାଠୁ ବୁଢ଼ା ସବୁ ନିରକ୍ଷର। ମାଲକାନଗିରିଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଏବଂ ଛତିଶଗଡ଼ ମାଓମୁକ୍ତ ହେବାପରେ ସୁଦ୍ଧା ବିକାଶ ପ୍ରକ୍ରିୟା ତ୍ୱରାନିତ ହୋଇପାରୁନଥିବାରୁ ଗ୍ରାମବାସୀ ଅସନ୍ତୁଷ୍ଟ। ଏ ସମ୍ପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ କହିଛନ୍ତି, ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ଗ୍ରାମବାସୀଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ।

# ରାୟଗଡ଼ାରେ ମ୍ୟାଲେରିଆ ଆତଙ୍କ: ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ସ୍ଥିତି ଚିନ୍ତାଜନକ

ରାୟଗଡ଼ା, ୧୯/୦୭ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ମ୍ୟାଲେରିଆର ପ୍ରାଦୁର୍ଭାବ ଦେଖି ତତ୍ପର ହୋଇଉଠିଛି ଜିଲ୍ଲା ପ୍ରଶାସନ। ସ୍କୁଲଗୁଡ଼ିକରେ ଔଷଧଯୁକ୍ତ ମଶାରି ଓ ନିମ୍ବ ତେଲ ବଣ୍ଟାଯିବା ପରେ ବି ସ୍ଥିତି ନିୟନ୍ତ୍ରଣ ବାହାରେ। ଏହାକୁ ରୋକିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି 'ମେଲେରିଆ ମାସ୍ ସ୍କ୍ରିନିଙ୍ଗ। ମୌସୁମୀ ବର୍ଷା ଆରମ୍ଭ ହେବା ସହ ରାୟଗଡ଼ାରେ ମୁଣ୍ଡ ଟେକିଛି ମ୍ୟାଲେରିଆ। ବିଶେଷକରି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟ ଗୁଡ଼ିକରେ ପରିସ୍ଥିତି ଏବେ ଚିନ୍ତାଜନକ। ଗତ ଏକ ସପ୍ତାହ ମଧ୍ୟରେ ୨ ଜଣ ଅନ୍ତେବାସୀ ଛାତ୍ରଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟିଛି। ଏହାପରେ ତତ୍ପର ହୋଇଉଠିଛି ଜିଲ୍ଲା ପ୍ରଶାସନ। ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଆରମ୍ଭ କରିଛି ମ୍ୟାଲେରିଆ ମାସ୍ ସ୍କ୍ରିନିଙ୍ଗ ଟେଷ୍ଟ। ଜିଲ୍ଲାର ସମସ୍ତ ଆଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଏଏନ୍?ଏମ୍?ଙ୍କ ସାହାଯ୍ୟରେ ଛାତ୍ରଛାତ୍ରୀଙ୍କର ରକ୍ତ ପରୀକ୍ଷା କରାଯାଉଛି। ଯେଉଁମାନଙ୍କଠାରେ ଜ୍ୱରର ଲକ୍ଷଣ ଦେଖାଯାଉଛି, ସେମାନଙ୍କୁ ଔଷଧ ଦିଆଯାଉଛି। ଏବଂ ପଜିଟିଭ୍ ଚିହ୍ନଟ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ଚଳିତ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ମେଗା ସ୍କ୍ରିନିଂ ପ୍ରକ୍ରିୟା ଚାଲିବ। ଚଳିତ ଜୁଲାଇ ୭ ତାରିଖରେ କୋଲନରା ସୁରି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଚନ୍ଦୁ ଉଲାକାଙ୍କର ମ୍ୟାଲେରିଆରେ ମୃତ୍ୟୁ ହୋଇଥିଲା। ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍‌ରେ ଶବ ବୁହା ହେବା ଖବର ସାରା ରାଜ୍ୟକୁ ଆନ୍ଦୋଳିତ କରିଥିଲା। ଏହାର କିଛିଦିନ ପରେ ଜୁଲାଇ ୧୪ରେ, ଅତଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଜୟସେନ କଣ୍ଡାଗରୀଙ୍କର ବ୍ରହ୍ମପୁର ଏମ୍?କେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଯାହା ପ୍ରଶାସନର ଚିନ୍ତାର କାରଣ ପାଲଟିଛି। ରାୟଗଡ଼ାରେ ମ୍ୟାଲେରିଆକୁ ରୋକିବା ପାଇଁ ପ୍ରଶାସନର ଏହି ଉଦ୍ୟମ କେତେ ସଫଳ ହେଉଛି ତାକୁ ଅପେକ୍ଷା।

# ଭଦ୍ରକରେ ସାର ଯୋଗାଣରେ ଆବ୍ୟବସ୍ଥା: ଚାଷୀ ହତାଶ

ଭଦ୍ରକ, ୧୯/୦୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଖରିଫ ଋତୁରେ ଚାଷୀଙ୍କୁ ସାର ଯୋଗାଣ ପାଇଁ ମାର୍କଫେଡ୍‌କୁ ଦାୟିତ୍ୱ ନେଇଛି। କିନ୍ତୁ ଚଳିତ ଆର୍ଥିକ ବର୍ଷରେ ସାରଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବଣ୍ଟନ ନିମନ୍ତେ ଯେଉଁ ନୀତି ଅବଲମ୍ବନ କରାଯାଇଛି ସେଥିରେ ଚାଷୀମାନେ ଅଯଥା ହଇରାଣ ହେବା ଆଶଙ୍କା ଉପୁଜିଛି। ଚଳିତ ବର୍ଷ ନିୟମାନୁସାରେ, ସାର ଯୋଗାଣ ନୀତିରେ ୪୦ ପ୍ରତିଶତ ବେସରକାରୀ ସାର ରିଟେଲରଙ୍କୁ ଦିଆଯିବ ଓ ୬୦ ପ୍ରତିଶତ ସମବାୟ ସଂସ୍ଥାକୁ ଦିଆଯିବ। ଭଦ୍ରକ ଜିଲ୍ଲାରେ ୧୦୮ଟି ସେବା ସମବାୟ ସଂସ୍ଥାରୁ ମାତ୍ର ୬୮ଟି ସୋସାଇଟି ସାର ଉଠାଇଛନ୍ତି। ନୂଆ ନିୟମ ଅନୁସାରେ ସାର ନେବା ପାଇଁ ସୋସାଇଟି ସମ୍ପାଦକ ଲାଇସେନ୍ସ ପ୍ରଦାନ କରିବା ଜରୁରି ରହିଛି। ଭଦ୍ରକ ଜିଲ୍ଲାରେ ୧୦୮ରୁ ମାତ୍ର ୮୧ଟି ସୋସାଇଟିର ଲାଇସେନ୍ସ ରହିଛି। ନିୟମ ଅନୁଯାୟୀ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ୧୫ ଦିନିଆ ତାଲିମ ନେବା ପରେ ଯାଇ ସୋସାଇଟି ସମ୍ପାଦକମାନଙ୍କୁ ସାର ବିକ୍ରି ଲାଇସେନ୍ସ ଦିଆଯିବ।

# ବାପା ଓ ପୁଅ ଦିବ୍ୟାଙ୍ଗ, ପେଟ ପାଇଁ ପତ୍ନୀ ଖଟୁଛନ୍ତି ମୂଲ

ଧଣ୍ଡାମୁଣ୍ଡା, ୧୯/୦୭ (ନି.ପ୍ର): ଦିବ୍ୟାଙ୍ଗ ଓ ଅଭାବ ଅନଟନରେ ମଧ୍ୟରେ ସ୍ନାତକ (ବିଏ) ପଢ଼ିଲେ, କିନ୍ତୁ ଚାକିରି ମିଳିଲାନାହିଁ। ଅନ୍ୟ କେ?ଣସି ବ୍ୟବସାୟ କରିବାକୁ ଅର୍ଥର ଅଭାବ ଏହି ସମୟରେ ନିଜର ସନ୍ତାନ ମଧ୍ୟ ଅନୁରୂପ ଭାବେ ପାରାଲିସ୍‌ସି ରୋଗରେ ଆକ୍ରାନ୍ତ। ଚିକିତ୍ସା କରିବାକୁ ଆବଶ୍ୟକ ସମ୍ବଳ ନାହିଁ। ପତ୍ନୀ ମୂଲଲାଗି ଘରପୋଷୁଛନ୍ତି, ଘରେ ବୁଢ଼ି ଶାଶୁ ନିଜ ଦିବ୍ୟାଙ୍ଗ ପୁଅ ଓ ନାତିର ସେବାଶୁଶ୍ରୁସା କରୁଛନ୍ତି। ଏଭଳି ସ୍ଥିତି ପରେ ମଧ୍ୟ ପ୍ରଶାସନ କେବଳ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) ୧ ହଜାର ଟଙ୍କା ଦେଇ ନିଜ ଦାୟିତ୍ୱ ତୁଲାଇ ଦେଇଛନ୍ତି। ବଲାଙ୍ଗୀରଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍ ଚଙ୍ଗରିଆ ପଞ୍ଚାୟତ ଦୁନ୍ଦେଲ କେନ୍ଦୁମୁଣ୍ଡାର ଥବିର ବରିହା (୩୦) ଜଣେ ଗରିବ ଅନୁସୂଚିତ ଜନଜାତି ଅଟନ୍ତି। ବେଳେ ଗରିବ ଅନାଟନ ବିଏ ପାଠ ପଢିଛନ୍ତି। ପାରାଲିସିସ୍ ରୋଗରେ ଆକ୍ରାନ୍ତ ଧାର କରଜ କରି ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ଚିକିତ୍ସିତ ହୋଇଥିଲେ ମଧ୍ୟ ଆରୋଗ୍ୟ ହୋଇନଥିଲେ। ଥବିର ସରକାର ଙ୍କ ଠାରୁ ଦିବ୍ୟାଙ୍ଗ ଭତ୍ତା ହଜାରେ ଟଙ୍କା ପାଉଥିବା ବେଳେ ତାଙ୍କ ଦିବ୍ୟାଙ୍ଗ ପୁଅ ଚନ୍ଦନ ବରିହା( ୭) ମଧ୍ୟ ପାରାଲିସିସ୍ ରୋଗରେ ଖଟରେ ପଡିରହିଛନ୍ତି। ଚନ୍ଦନ ଶତକଡା ୯୫ ଭାଗ ଦିବ୍ୟାଙ୍ଗ ପ୍ରମାଣପତ୍ର ରହିଛି। ହେଲେ ଦିବ୍ୟାଙ୍ଗ ଭତ୍ତା ମିଳିନଥିବା ଅଭିଯୋଗ କରିଛନ୍ତି। ନିୟମାନୁସାରେ, ୫ ବର୍ଷରୁ ଅଧିକ ବୟସ ହେଲେ ଭତ୍ତା ପାଇବା ଯୋଗ୍ୟ ହୁଅନ୍ତି, କିନ୍ତୁ ଚନ୍ଦନଙ୍କ କ୍ଷେତ୍ରରେ ଏହା ହୋଇନାହିଁ। ଦିବ୍ୟାଙ୍ଗ ସ୍ୱାମୀ ଓ ପୁଅର ଚିକିତ୍ସା ପାଇଁ ଓ ପରିବାର ପ୍ରତିପୋଷଣ କରିବା ପାଇଁ ଥବିର ଙ୍କ ସ୍ତ୍ରୀ ମଥୁରା ଦିନ ମଜୁରି କାମ କରି ପେଟ ପୋଷୁଛନ୍ତି। ଏଥିପ୍ରତି ବିଡ଼ିଓ ଦୃଷ୍ଟି ଥବିର ଏକ ହ୍ୱିଇଲ ଚେୟାର,ଓ ଦିବ୍ୟାଙ୍ଗ ପୁଅ ଚନ୍ଦନ କୁ ଭତ୍ତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ୨୦ ଜୁଲାଇ ୨୦୨୬, ସୋମବାର

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ବୈଜ୍ଞାନିକ କହିବା ଅନୁସାରେ, ଯେଉଁ ମହିଳାମାନେ ଲଗାତାର ଅନ୍ତରାଳରେ କେଶ ରଙ୍ଗ କରନ୍ତି ଏବଂ ଷ୍ଟ୍ରେଟନିଙ୍ଗ କରନ୍ତି ସେମାନଙ୍କ ପ୍ରତି ବିପଦ ରହିଛି । ଏସବୁ କରୁଥିବା ମହିଳାଙ୍କଠାରେ ସ୍ତନ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ କ୍ୟାନସରରେ ପ୍ରକାଶିତ ଲେଖାରେ ମହିଳାମାନଙ୍କୁ ସତର୍କ କରାଯାଇଛି ।

ଏହି ବିଷୟ ଉପରେ ଆମେରିକାର କ୍ୟାନ୍ସର ସୋସାଇଟି ବି ଗବେଷଣା କରିଛି । ଷ୍ଟଡିରୁ ଜଣାପଡ଼ିଛି , ହେୟାର କଲରରେ ଥିବା କେମିକାଲ୍ସ ଯେପରି ଆରୋମେଟିକ୍ ଆମିନ୍ସରେ କ୍ୟାନ୍ସର ରିସ୍କ ରହିଛି । ଆଜିକା ଦିନରେ ଅଧିକାଂଶ ପରୁଷ ଓ ମହିଳା ହେୟାର କଲର କରୁଥିବାବେଳେ , ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମହିଳାମାନେ ହେୟାର ଷ୍ଟ୍ରେଟନିଙ୍ଗ କରୁଛନ୍ତି । ଏଠି ପ୍ରଶ୍ନ ଉଠୁଛି, ତାହେଲେ କ'ଣ ହେୟାର କଲର ବା ଷ୍ଟ୍ରେଟନର୍ ବ୍ୟବହାର କରୁଥିବା ସବୁ ମହିଳାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇପାରେ ?

ସବୁଠୁ ବଡ଼ ପ୍ରଶ୍ନ କେଶରେ କଲର୍ କଲେ ତାହା ଶରୀରକୁ ଭିତରେ କିପରି ପହଞ୍ଚୁଛି ? ଏବଂ କ୍ୟାନ୍ସରରୁ ବଞ୍ଚିବାର ଉପାୟ କ'ଣ ?

ଡାକ୍ତରଙ୍କ କହିବା କଥା, ହେୟାର କଲରରେ ଫିନୋଲ୍ ଏମିନ୍ ଏବଂ ଫର୍ମେଲ୍ଡିହାଇଡ୍ ନାମକ କେମିକାଲ ଥାଏ । ଏହା ପ୍ରାକୃତିକ ନୁହେଁ । ଏହାକୁ କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଏ । ତେଣୁ ଯେକୌଣସି ଜିନିଷ ଯାହା କୃତ୍ରିମ ତାହା ଶରୀର ପାଇଁ କ୍ଷତିକାରକ । ଏପରି କେମିକାଲର ବ୍ୟବହାରରେ କିଛି ପ୍ରକାରର କ୍ୟାନ୍ସର ହେବାର ଆଶଙ୍କା ରହିଥାଏ । ବିଶେଷ କରି ବ୍ଲାଡର୍ କ୍ୟାନ୍ସର ବା ମୂତ୍ରାଶୟ କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା ରହୁଛି ।

ଯେବେ ଆପଣ କେଶ ରଙ୍ଗ କରନ୍ତି , ସେ ସମୟରେ ସେସବୁ କେମିକାଲ ମୁଣ୍ଡର ତ୍ୱଚା ଦେଇ ଶରୀରକୁ ପ୍ରବେଶ କରୁଥିବାବେଳେ କିଛି । ଏହାବ୍ୟତୀତ ଯେବେ ହେୟାର କଲର୍ କରୁ ତା'ର ବାସ୍ନା ନାକ ଦେଇ , ଶ୍ୱାସନଳୀ ଦେଇ ଶରୀରକୁ ପ୍ରବେଶ କରେ ଏବଂ




କ୍ୟାନ୍ସର ହେବାର ଆଶଙ୍କା ବଢ଼ିଯାଏ । ଖାଲି ଯିଏ କେଶ କଲର କରେ ତାଙ୍କ ପାଇଁ ବିପଦ ନୁହେଁ ବରଂ ଯିଏ କେଶରେ କଲର୍ ଲଗାଇବାରେ ସାହାଯ୍ୟ କରନ୍ତି ତାଙ୍କୁ ମଧ କ୍ୟାନ୍ସର ହେବାର ଆଶଙ୍କା ରହିଛି ବୋଲି କହୁଛନ୍ତି ବିଶେଷଜ୍ଞ ।

ଏବେ ପ୍ରଶ୍ନ ଏହି ବିପଦରୁ ବର୍ତ୍ତିବା କିପରି । ଏଥିପାଇଁ ସରଳ ଉପାୟ ହେଉଛି କେମିକାଲ ଫ୍ରି ହେୟାର କଲର୍ ବ୍ୟବହାର କରନ୍ତୁ । ଆଉ ଯଦି ହେୟାର କଲର କିଣୁଛନ୍ତି ଏଥିରେ ବ୍ୟବହାର କେମିକାଲ ବିଷୟରେ ଜାଣନ୍ତୁ । କେଶ କଲର କରିବା ପୂର୍ବରୁ ପ୍ୟାଚ୍ ଟେଷ୍ଟ କରନ୍ତୁ । କଲର କରିବା ସମୟରେ ହାତରେ ଗ୍ଲୋବ୍ସ ପିନ୍ଧନ୍ତୁ ।

ଏସବୁ ପରେ ବି ଡାକ୍ତରଙ୍କ ବଡ଼ ପରାମର୍ଶ ହେଉଛି , କେଶ ବାରମ୍ବାର କଲର କରିବାରୁ ନିବୃତ୍ତ ରୁହନ୍ତୁ ଆଉ ଯଦି କରିବାକୁ ଚାହୁଁଛନ୍ତି ତାହେଲେ ପ୍ରକୃତିକ ହେନା ବ୍ୟବହାର କରନ୍ତୁ ଯାହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କେଶ ପାଇଁ ବି ବରଦାନ ।

# ହଜମ ସମସ୍ୟା ସହ ଓଜନ ହ୍ରାସ ପାଇଁ ବେଶ ଉପକାରୀ ହେଙ୍ଗୁ ପାଣି



ଭାରତୀୟ ରୋଷେଇ ଘରେ ହେଙ୍ଗୁକୁ ଏକ ମୂଲ୍ୟବାନ ଉପାଦାନ ଭାବରେ ବିବେଚନା କରାଯାଏ। ଏହା କେବଳ ମସଲାରେ ବ୍ୟବହୃତ ହୁଏ ନାହିଁ ଆୟୁର୍ବେଦରେ, ହେଙ୍ଗୁକୁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଖାଲି ପେଟରେ ଚା କିମ୍ବା କଫି ବଦଳରେ 'ହେଙ୍ଗୁ ପାଣି' ସହିତ ଆପଣଙ୍କ ଦିନ ଆରମ୍ଭ କରିବା ଆପଣଙ୍କ ଶରୀର ପାଇଁ ଏକ ବରଦାନ ହୋଇପାରେ। ଆୟୁର୍ବେଦ ହେଙ୍ଗୁକୁ ଏହାର ପାଚନ ଏବଂ ଔଷଧୀୟ ଗୁଣ ପାଇଁ ସ୍ୱୀକୃତି ଦିଏ। ସକାଳେ ପ୍ରଥମେ ଏହି ଉଷୁମ ପାଣିରେ ମିଶ୍ରଣ କରି ସେବନ କରିବା ଶରୀରକୁ ଭିତରୁ ସଫା କରିବାରେ ସାହାଯ୍ୟ କରେ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରେ। ଆସନ୍ତୁ ଆମେ ଖାଲି ପେଟରେ ହେଙ୍ଗୁ ପାଣି ପିଇବାର ଲାଭ ବିଷୟରେ ଜାଣିବା ।


ଆଜିର ସମୟରେ, ଖରାପ ଖାଦ୍ୟପେୟ ଅଭ୍ୟାସ ଯୋଗୁଁ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ଅତ୍ୟନ୍ତ ସାଧାରଣ। ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି ଯାହା ପାଚନ ଏନଜାଇମକୁ ସକ୍ରିୟ କରେ। ଖାଲି ପେଟରେ ଏହାକୁ ସେବନ କରିବା ଦ୍ୱାରା ପେଟ ଓଜନିଆ ହେବା ହ୍ରାସ ହୁଏ ଏବଂ ପାଚନ ଶକ୍ତି ଉନ୍ନତ ହୁଏ। ଯଦି ଆପଣ ଓଜନ ବୃଦ୍ଧି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି, ତେବେ ହେଙ୍ଗୁ ପାଣି ଏକ ଉତ୍କୃଷ୍ଟ ଡିଟକ୍ସ ପାନୀୟ ପ୍ରମାଣିତ ହୋଇପାରେ। ଏହା ଶରୀରର ମେଟାବୋଲିଜିମ୍ ହାରକୁ ବୃଦ୍ଧି କରେ, ଯାହା ଦ୍ୱାରା କ୍ୟାଲୋରୀ ଦହନ ଦ୍ରୁତ ହୁଏ। ଏହା କ୍ଷତିକାରକ ବିଷାକ୍ତ ପଦାର୍ଥକୁ ମଧ ବାହାର କରିଦିଏ, ଯାହା ଦ୍ୱାରା ଚର୍ବି ଦହନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ହେଙ୍ଗୁରେ ଇନସୁଲିନ୍ କ୍ଷରଣକୁ ବଢାଇବା ଗୁଣ ଅଛି, ଯାହା ସନ୍ତୁଳିତ ରକ୍ତ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଏହା ସହିତ, ଏଥିରେ କୌମାରିନ ନାମକ ଏକ ତତ୍ୱ ଥାଏ, ଯାହା ରକ୍ତକୁ ପତଳା କରିବାରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ଉଚ୍ଚ ରକ୍ତଚାପରୁ ମୁକ୍ତି ମିଳିଥାଏ। କେବଳ ଗୋଟିଏରୁ ଦୁଇ ଚାମଚ ହେଙ୍ଗୁ ପାଉଡରକୁ ଏକ ଗ୍ଲାସ୍ ଉଷୁମ ପାଣିରେ ମିଶ୍ରଣ କରନ୍ତୁ। ଏହାକୁ ଭଲ ଭାବରେ ଗୋଳାନ୍ତୁ ଏବଂ ସକାଳେ ଦାନ୍ତ ଘଷିବା ପରେ ଖାଲି ପେଟରେ ଧୀରେ ଧୀରେ ପିଅନ୍ତୁ। ସ୍ୱାଦ ବୃଦ୍ଧି କରିବା ପାଇଁ ଆପଣ ଅଳ୍ପ ଲେମ୍ବୁ ରସ କିମ୍ବା କଳା ଲୁଣ ମଧ ମିଶାଇ ପାରିବେ।

ଖରାଦିନ ଆସିଲେ ହିଁ ଆମ ମନକୁ ପ୍ରଥମେ ଆସେ କଟନ୍ ବା ସୂତା କପଡ଼ା। ଏହା ହାଲୁକା, ଆରାମଦାୟକ ଏବଂ ଏଥିରେ ପବନ ସହଜରେ ଯାତାୟାତ କରିପାରେ। ସୂତା ସୁଟ୍,ଶାଢ଼ି ହେଉ କିମ୍ବା ବେଡସିଟ୍ ଏସବୁ ଦେଖିବାକୁ ଯେତିକି ଶାନ୍ତିପୂର୍ଣ୍ଣ,ପିନ୍ଧିବାକୁ ମଧ ସେତିକି ଆରାମଦାୟକ। ହେଲେ ଏହି ଆରାମ ସହିତ ଆସିଥାଏ ଏକ ବଡ଼ ମୁଣ୍ଡବିନ୍ଧା ! ସେଇଟା ହେଉଛି କପଡ଼ାରୁ ରଙ୍ଗ ଛାଡ଼ିବା। ଅନେକ ସମୟରେ ଗାଢ଼ ରଙ୍ଗର କଟନ୍ କପଡ଼ା ଧୋଇବା ମାତ୍ରେ ହିଁ ପାଣିରେ ରଙ୍ଗ ଛାଡ଼ିବାକୁ ଲାଗେ। ଫଳରେ କପଡ଼ାର ଚମକ କମିଯାଏ ଏବଂ ଏହା ଫିକା ଦେଖାଯାଏ। କେବଳ ସେତିକି ନୁହେଁ ସାଙ୍ଗରେ ଧୋଉଥିବା ଅନ୍ୟ ଦାମୀ କପଡ଼ାରେ ମଧ ରଙ୍ଗ ଲାଗି ତାହା ନଷ୍ଟ ହୋଇଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ପାଣିରେ କେବଳ ଲୁଣ ମିଶାଇ କପଡ଼ା ଭିଜାଇଥାନ୍ତି କିନ୍ତୁ ଏହି ଘରୋଇ ଉପାୟ ସବୁବେଳେ କାମ ଦିଏନାହିଁ। ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଲୁଗା ସଫା କରୁଥିବା ପ୍ରଫେସନାଲ୍ ଲୋକମାନେ ବ୍ୟବହାର କରୁଥିବା ଏକ ସ୍ପେଶାଲ୍ ସିକ୍ରେଟ୍ ଟ୍ରିକ୍ ଯାହା ଆପଣଙ୍କ କପଡ଼ାର ରଙ୍ଗକୁ ସବୁଦିନ ପାଇଁ ଲକ୍ କରିଦେବ। ଏଥିପାଇଁ କୌଣସି ଦାମୀ କେମିକାଲ୍ ଦରକାର ନାହିଁ। ଆପଣଙ୍କୁ କେବଳ ଦୁଇଟି ସାଧାରଣ ଜିନିଷ ଦରକାର ଏକ ହେଉଛି ଫିଟିକିରି ଆଉ ଗୋଟିଏ ହେଉଛି ଲୁଣ । ଏହି ଦୁଇଟିର ମିଶ୍ରଣ କପଡ଼ାରେ ଥିବା ଦାଗକୁ ପ୍ରଥମ ଥରରେ ହିଁ ବାହାର କରିଦିଏ ଏବଂ ବାକି ରଙ୍ଗକୁ କପଡ଼ା ସହିତ ସବୁଦିନ ପାଇଁ ଫିକ୍ସ କରିଦିଏ। ଏଥିପାଇଁ ଆପଣ ପ୍ରଥମେ ଏକ ବାଲ୍ଟିରେ ସଫା ଥଣ୍ଡା ପାଣି ନିଅନ୍ତୁ। ଗୋଟିଏ ମୁଠା ଫିଟିକିରିକୁ ଗୁଣ୍ଡ କରି ସେହି ପାଣିରେ ମିଶାନ୍ତୁ। ଯେତିକି ଫିଟିକିରି ନେଇଛନ୍ତି, ତାର ଦୁଇଗୁଣ ପରିମାଣର ଲୁଣ ସେହି ପାଣିରେ ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ସେହି ନୂଆ କିମ୍ବା ରଙ୍ଗ ଛାଡୁଥିବା କଟନ୍ କପଡ଼ାକୁ ଖୋଲି ସେହି ପାଣିରେ ବୁଡ଼ାଇ ଦିଅନ୍ତୁ। ଡରନ୍ତୁ ନାହିଁ, ଏହି ପାଣିରେ ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହାକୁ ପ୍ରାୟ ୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ୨ ଘଣ୍ଟା ପରେ




କପଡ଼ାଗୁଡ଼ିକୁ ଭଲଭାବେ ଚିପୁଡ଼ି ବାହାର କରିଦିଅନ୍ତୁ ଏବଂ ସଫା ପାଣିରେ ଆଉ ଥରେ ଭଲଭାବେ ଧୋଇ ଦିଅନ୍ତୁ, ଯେପରି ଫିଟିକିରି ଓ ଲୁଣର ଅଂଶ ବାହାରିଯିବ। ଫିଟିକିରି ପାଣି ଯୋଗୁଁ କପଡ଼ା ସାମାନ୍ୟ ଶକ୍ତ ହୋଇଯାଇପାରେ। ଏହାକୁ ନରମ କରିବା ପାଇଁ ଶେଷରେ ଏକ ବାଲ୍ଟି ପାଣିରେ ଦୁଇ ଚାମଚ ଧଳା ସିରକା ମିଶାଇ କପଡ଼ାକୁ ଅଧା ଘଣ୍ଟା ଭିଜାଇ ରଖନ୍ତୁ। ଆପଣଙ୍କ କପଡ଼ା ପୂର୍ବପରି ସଫ୍ଟ ଏବଂ ମୁଲାୟମ ହୋଇଯିବ। ତେବେ ଆଉ ବିଳମ୍ବ କାହିଁକି ? ଏହି ଗରମରେ ଆପଣଙ୍କ କପଡ଼ାର ରଙ୍ଗକୁ ସୁରକ୍ଷିତ ରଖିବା ପାଇଁ ଆଜି ହିଁ ଏହି ସ୍ପେଶାଲ୍ ଟ୍ରିକ୍ ଆପଣାନ୍ତୁ।

# ସଫା ଛୁରି ବ୍ୟବହାର କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ : ଏଫ୍ଏସ୍ଏସ୍ଏଆଇ



ଖାଦ୍ୟ ବ୍ୟବୟାୟ ମାନେ ବ୍ୟବହାର କରୁଥିବା ଛୁରି ସମସ୍ତ ପ୍ରକାର ସଫା ସୁତୁରା ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଏହି ମର୍ମରେ ସମସ୍ତ ଖାଦ୍ୟ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଖାଦ୍ୟ ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା ଏବଂ ପରିଚାଳନାରେ ବ୍ୟବହାର ହେଉଥିବା ସମସ୍ତ ଉପକରଣ, ବାସନକୁସନ, ଖାଦ୍ୟ ରଖାଯାଉଥିବା ବା ଘୋଡ଼ାଯାଉଥିବା ପାତ୍ର ଆଦି ଖାଦ୍ୟ-ଗ୍ରେଡ୍, ଅଣବିଷାକ୍ତ ଏବଂ କ୍ଷୟ ପ୍ରତିରୋଧୀ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ। ଏଥିସହିତ ଖାଦ୍ୟ ସଂକ୍ରମଣକୁ ରୋକିବା ଲାଗି ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଥିବା ନିୟମକୁ ନିଶ୍ଚିତ କରିବା ଉଚିତ । ଖାଦ୍ୟ ସୁରକ୍ଷା ଓ ମାନକ ( ଖାଦ୍ୟ ବ୍ୟବସାୟ ପଞ୍ଜୀକରଣ ଓ ଲାଇସେନ୍ସିଂ) ନିୟମ ୨୦୧୧ର ଅନୁଚ୍ଛେଦ ୪ ଅନୁଯାୟୀ, ଖାଦ୍ୟ ସଂସ୍ପର୍ଶରେ ଆସୁଥିବା ସମସ୍ତ ଉପକରଣକୁ ନିୟମିତ ବ୍ୟବଧାନରେ ଜୀବାଣୁମୁକ୍ତ କରାଯିବା ସହ ପର୍ଯ୍ୟାପ୍ତ ଭାବେ ସଫା କରାଯିବା ନେଇ ନିୟମ ରହିଛି। ଏହା ସତ୍ତ୍ୱେ କେତେକ ଖାଦ୍ୟ ବ୍ୟବସାୟୀ କଳଙ୍କି ଲାଗିଥିବା, ଭାଙ୍ଗିରୁଜି ଯାଇଥିବା, ରଙ୍ଗ ଲାଗିଥିବା ଏବଂ ଅନ୍ୟାନ୍ୟ ଦୃଷ୍ଟିରୁ ଅନୁପଯୁକ୍ତ ଥିବା ଛୁରି, ବ୍ଲେଡ୍ ଓ ଅନ୍ୟାନ୍ୟ କାଟିବା ଉପକରଣ ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନାରେ ବ୍ୟବହାର କରୁଛନ୍ତି। ଏଭଳି ଛୁରି ଖାଦ୍ୟର ଭୌତିକ, ରାସାୟନିକ ଏବଂ ସୂକ୍ଷ୍ମ ଜୈବିକ ସଂକ୍ରମଣ କରିବା ସମ୍ଭାବନା ରହିଛି। ଅନୁପଯୁକ୍ତ ଛୁରିକୁ ତୁରନ୍ତ ଏଭଳି କାର୍ଯ୍ୟରୁ ବାଦ୍ ଦିଆଯିବା ଆବଶ୍ୟକ। ନିୟମ ପାଳନରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଉପରେ କଡ଼ା ନଜର ରଖିବା ଲାଗି କର୍ତ୍ତୃପକ୍ଷ କମିସନର ଓ ଇନ୍ସପେକ୍ଟରମାନଙ୍କୁ କହିଛନ୍ତି।




ଦେଶରେ ଦିନକୁ ଦିନ ମଦ୍ୟପାନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପୁରୁଷ ତ ପୁରୁଷ ମହିଳା ମଧ ମଦ୍ୟପାନ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ପ୍ରତିବର୍ଷ ପର୍ବପର୍ବାଣୀ ହେଉ କିମ୍ବା ଛୁଟିଦିନ ପଡ଼ିଲେ ମଦ ବିକ୍ରିର ରେକର୍ଡ ଭାଙ୍ଗିଥାଏ । ମଦ ଦେହ ପ୍ରତି କ୍ଷତିକାରକ ଜାଣି ସୁଦ୍ଧା ଅନେକ ଲୋକ ଏହି ନିଶାଦ୍ରବ୍ୟକୁ ପିଇଥା'ନ୍ତି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ଚେତାବନୀ ଦେଇଛି ଯେ ଗୋଟିଏ ବୁନ୍ଦା ମଦ୍ୟପାନ ମଧ ଅନେକ ପ୍ରକାରର କର୍କଟ ରୋଗ ସୃଷ୍ଟି କରିପାରେ । ଅତ୍ୟଧିକ ମଦ ପିଇଲେ ଫ୍ୟାଟି ଲିଭର, ଲିଭର୍ ଡ୍ୟାମେଜ୍ ଏବଂ ଲିଭର୍ ସିରୋସିସ୍ ରୋଗ ହେବା ସାଧାରଣ କଥା । ସ୍ୱାସ୍ଥ୍ୟ ପାଇଁ ଏହା ଏତେ ଖରାପ ଯେ କଥା ଯାଇ ଯକୃତ ପ୍ରତିରୋପଣ ପର୍ଯ୍ୟନ୍ତ ପହଞ୍ଚିଥାଏ । ମଦର ପ୍ରଥମ ବୁନ୍ଦା ଲିଭରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରେ । ଯେତେ ଲମ୍ବା ସମୟ ଧରି ମଣିଷ ମଦ୍ୟପାନ କରାଯାଏ ଏହା ସେତେ ଗୁରୁତର ହୋଇପାରେ । ତଥାପି ଆୟୁର୍ବେଦ ସାହାଯ୍ୟରେ ଏହି କ୍ଷତିକୁ ପ୍ରତିହତ କରାଯାଇପାରିବ । ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର ତନ୍ମୟ ଗୋସ୍ୱାମୀଙ୍କ ଅନୁସାରେ ୧୦ ଗ୍ରାମ୍ ଖଜୁରି , ୧୦ ଗ୍ରାମ୍ କିସମିସ୍ , ୨ ଗ୍ରାମ୍ ତେନ୍ତୁଳି , ୧୦ ଗ୍ରାମ୍ ଡାଳିମ୍ବ ଦାନା ଏବଂ ୧୦ ଗ୍ରାମ୍ ଅଁଳାକୁ ନେଇ ଭଲଭାବରେ ଗ୍ରାଇଣ୍ଡିଂ କରନ୍ତୁ । ଏହା ପେଷ୍ଟ୍ ହେବା ପରେ ଅଧ ଲିଟର ପାଣିରେ ମିଶାନ୍ତୁ । ଏହା ଏକପ୍ରକାର ରସ ପରି ହୋଇଯିବ । ଏହି ରସକୁ ୫୦-୫୦ ମିଲି ପିଇବାକୁ ଦିଅନ୍ତୁ । ତିନି ଦିନ ମଧ୍ୟରେ ଲିଭର୍ ଡ୍ୟାମେଜ୍ କମ୍ ହେବାକୁ ଲାଗିବ । ମଦକୁ ମେଟାବୋଲାଇଜ୍ କରିବାର କାମ କରେ ଲିଭର୍ । ଯାହାଦ୍ୱାରା ଲିଭରରେ ଆସିଟାଲଡିହାଇଡ୍ ନାମକ ଏକ ଉତ୍ପାଦ ସୃଷ୍ଟି ହୋଇଥାଏ । ଯାହା ଲିଭରକୁ ଖରାପ କରିବାର କାମ କରିଥାଏ । ଏହି ଆୟୁର୍ବେଦିକ ଉପାୟ ଆସିଟାଲଡିହାଇଡ୍ କୁ କମ୍ କରିବାରେ ସହାୟକ ହୁଏ । ତେବେ ଯେମିତି ଆପଣ ମଦ ପିଇବା ବନ୍ଦ କରିବେ କିଛି ଦିନ ମଧ୍ୟରେ ହିଁ ଶରୀର ଉପରେ ଏହାର ଫରକ ପଡ଼ିବା ଆରମ୍ଭ ହେବ । ତେବେ ଯଦି ସମୟ ପୂର୍ବରୁ ମଦ ପିଇବା ବନ୍ଦ କରାଯାଏ ଲିଭରର କୋଷିକା କିଛି ସପ୍ତାହରେ ହିଁ ପୁନଃ ତିଆରି ହେବା ଆରମ୍ଭ କରେ । ୩୦ ଦିନ ପରେ ସ୍ୱାସ୍ଥ୍ୟ ଉପରେ ଏହାର ଭଲ ରେଜଲ୍ଟ ଦେଖିବାକୁ ମିଳେ । କିନ୍ତୁ ଯଦି ମଦ ପିଇବା ପରେ ଅନ୍ୟ ରୋଗ ଯେଭଳି ଆଲକୋହଲିକ୍ ହେପାଟାଇଟିସ୍ ଏବଂ ସିରୋସିସ୍ ଭଳି ରୋଗ ହୁଏ ତେବେ ଠିକ୍ ହେବାକୁ ଅଧିକ ସମୟ ଲାଗେ । ଏଭଳି ମାମଲାରେ ଶରୀରର ଅନ୍ୟ ଅଙ୍ଗକୁ ଯେମିତି ମଦ ନ ଖାଇବ ତେଣୁ ଅତିଶୀଘ୍ର ମଦ୍ୟପାନ କରିବା ଛାଡ଼ନ୍ତୁ ।

# ଭାରତର ବଢୁଥିବା କୋଲେଷ୍ଟେରଲ୍ ସଙ୍କଟ

ସାଧାରଣତଃ ଆମେ ଭାବିଥାଉ ଯେ ଉଚ୍ଚ କୋଲେଷ୍ଟେରଲ୍ କେବଳ ବୟସ୍କ, ମୋଟାପଣ ବା ମଧୁମେହ ରୋଗୀଙ୍କୁ ପ୍ରଭାବିତ କରିଥାଏ । କିନ୍ତୁ ଯଦି ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଥିବା ଲୋକଙ୍କ ଶରୀରରେ ଏହି ବିପଦ ଲୁଚି ରହିଥାଏ, ତେବେ ତାହା କେତେ ଭୟଙ୍କର ହୋଇପାରେ ତାହା କଳ୍ପନା କରିବା କଷ୍ଟକର । ନିକଟରେ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଜାତୀୟ ଅଧ୍ୟୟନରୁ ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି । ଏହି ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୯୦ ପ୍ରତିଶତ (ପ୍ରାୟ ୧୦ ଜଣରୁ ୯ ଜଣ) ବୟସ୍କ ବ୍ୟକ୍ତିଙ୍କ ରକ୍ତରେ ଅସ୍ୱାଭାବିକ ଲିପିଡ୍ ସ୍ତର ରହିଛି । ଏହି ପରିସଂଖ୍ୟାନ ଏକ ନୀରବ ମହାମାରୀର ସଙ୍କେତ ଦେଉଛି, ଯାହା ସମଗ୍ର ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଆଇସିଏମ୍ଆର-ଇଣ୍ଡିଆବ୍ ନାମକ ଏହି ସର୍ବଭାରତୀୟ ସର୍ବେକ୍ଷଣରୁ ଜଣାପଡିଛି ଯେ ୮୭.୩ ପ୍ରତିଶତ ଭାରତୀୟ ବୟସ୍କ ଡିସଲିପିଡେମିଆ ବା ରକ୍ତରେ ଚର୍ବିର ଅସନ୍ତୁଳନର ଶିକାର ହୋଇଛନ୍ତି । ଏହା ଦେଶର ସବୁଠାରୁ ବ୍ୟାପକ ସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି ଏବଂ କେଉଁମାନେ ଏହି ବିପଦରେ ଅଛନ୍ତି ସେ ସମ୍ପର୍କରେ ଥିବା ପୁରୁଣା ଧାରଣାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି । ଏହି ଅଧ୍ୟୟନ ଆମକୁ ଚେତାବନୀ ଦେଉଛି ଯେ ବାହ୍ୟ ସୌନ୍ଦର୍ଯ୍ୟ କିମ୍ବା ପତଳା ଶରୀର ସୁସ୍ଥତାର ପ୍ରମାଣ ନୁହେଁ, ବରଂ ଶରୀର ଭିତରେ ଚାଲିଥିବା ରାସାୟନିକ ପ୍ରକ୍ରିୟା ହିଁ ପ୍ରକୃତ ସ୍ୱାସ୍ଥ୍ୟର ମାପକାଠି ଅଟେ ।

ଏହି ବିସ୍ତୃତ ଅଧ୍ୟୟନରେ ଦେଶର ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୨୩,୬୬୫ ଜଣ ବୟସ୍କ ବ୍ୟକ୍ତିଙ୍କ ଲିପିଡ୍ ପ୍ରୋଫାଇଲ୍ ବିଶ୍ଳେଷଣ କରାଯାଇଥିଲା । ଜ୍ୱର କିମ୍ବା ଯନ୍ତ୍ରଣା ଭଳି ଡିସଲିପିଡେମିଆର କୌଣସି ପୂର୍ବ ଲକ୍ଷଣ ନଥାଏ । ଲୋକମାନେ ନିଜକୁ ସୁସ୍ଥ ବୋଲି ଅନୁଭବ କରୁଥିବା ବେଳେ ବର୍ଷ ବର୍ଷ ଧରି ସେମାନଙ୍କ ରକ୍ତନଳୀରେ ଅସ୍ୱାସ୍ଥ୍ୟକର ଚର୍ବି ଧୀରେ ଧୀରେ ଜମା ହେବାରେ ଲାଗିଥାଏ । ଏହି ପ୍ରକ୍ରିୟା ଶେଷରେ ଧମନୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ଫଳରେ ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ଅନ୍ୟାନ୍ୟ ହୃଦରୋଗର ଆଶଙ୍କା ବହୁଗୁଣିତ ହୋଇଯାଏ । ଏହି ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ସ୍ପଷ୍ଟ କରୁଛି ଯେ ଅସ୍ୱାଭାବିକ କୋଲେଷ୍ଟେରଲ୍ ସ୍ତର ଏବେ କେବଳ ସହରାଞ୍ଚଳ କିମ୍ବା ଧନୀ ଶ୍ରେଣୀର ଲୋକଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ଏହା ଏକ ଦେଶବ୍ୟାପୀ ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇସାରିଲାଣି । ସାଧାରଣତଃ ଲୋକେ କୋଲେଷ୍ଟେରଲ୍ କହିଲେ କେବଳ ଗୋଟିଏ ସଂଖ୍ୟାକୁ ବୁଝିଥାନ୍ତି, କିନ୍ତୁ ପ୍ରକୃତରେ ଏହା ରକ୍ତରେ ଥିବା ବିଭିନ୍ନ ପ୍ରକାରର ଫ୍ୟାଟ୍ ବା ଚର୍ବିର ସନ୍ତୁଳନ ଉପରେ ନିର୍ଭର କରେ । ଯେତେବେଳେ ଏହି ସନ୍ତୁଳନ ବିଗିଡିଯାଏ, ସେତେବେଳେ ହୃଦରୋଗର ବିପଦ ଆରମ୍ଭ ହୁଏ ।

ବିଭିନ୍ନ ପ୍ରକାରର ଲିପିଡ୍ ଅସ୍ୱାଭାବିକତା ମଧ୍ୟରୁ ଗୋଟିଏ ବିଶେଷ ଭାବରେ ଉଦ୍‌ବେଗଜନକ ବୋଲି ପ୍ରମାଣିତ ହୋଇଛି । ପ୍ରତି ତିନି ଜଣ ବୟସ୍କଙ୍କ ମଧ୍ୟରୁ ପ୍ରାୟ ଦୁଇ ଜଣଙ୍କଠାରେ ଏଚ୍‌ଡିଏଲ୍ ବା ଭଲ କୋଲେଷ୍ଟେରଲ୍‌ର ସ୍ତର କମ୍ ରହିଥିବା ଦେଖିବାକୁ ମିଳିଛି । ଏଚ୍‌ଡିଏଲ୍‌କୁ ସାଧାରଣତଃ ଗୁଡ୍ କୋଲେଷ୍ଟେରଲ୍ କୁହାଯାଏ କାରଣ ଏହା ରକ୍ତରୁ ଅତିରିକ୍ତ କୋଲେଷ୍ଟେରଲ୍ ବାହାର କରିବାରେ ସାହାଯ୍ୟ କରିଥାଏ ଏବଂ ହୃଦପିଣ୍ଡକୁ ସୁରକ୍ଷା ପ୍ରଦାନ କରେ । ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍ ହେଉଛି ସବୁଠାରୁ ସାଧାରଣ ଅସ୍ୱାଭାବିକତା ଏବଂ ଏହା ପରେ ଉଚ୍ଚ ଏଲ୍‌ଡିଏଲ୍ ବା ଖରାପ କୋଲେଷ୍ଟେରଲ୍, ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ଏବଂ ଉଚ୍ଚ ମୋଟ କୋଲେଷ୍ଟେରଲ୍‌ର ସ୍ଥାନ ରହିଛି । ଦକ୍ଷିଣ ଏସୀୟ ଲୋକମାନଙ୍କର ଏକ ସ୍ୱତନ୍ତ୍ର ମେଟାବୋଲିକ୍ ପ୍ରୋଫାଇଲ୍ ରହିଛି ବୋଲି ବହୁ ପୂର୍ବରୁ ସ୍ୱୀକାର କରାଯାଇଛି । ଅନେକ ଭାରତୀୟଙ୍କ ଶରୀରର ଓଜନ ସ୍ୱାଭାବିକ ଥିଲେ ମଧ୍ୟ ସେମାନଙ୍କଠାରେ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍ ଏବଂ ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ଦେଖାଯାଏ । ଏହି ମିଶ୍ରଣ ଇନସୁଲିନ୍ ପ୍ରତିରୋଧ ସହିତ ଘନିଷ୍ଠ ଭାବରେ ଜଡିତ ଏବଂ ଏହା ଅକାଳ ହୃଦରୋଗର ମୁଖ୍ୟ କାରଣ ସାଜିଥାଏ । ଯଦିଓ ବୈଜ୍ଞାନିକମାନେ କେବଳ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍‌ର ଭୂମିକା ଉପରେ ବିତର୍କ ଜାରି ରଖିଛନ୍ତି, ତଥାପି ଭାରତରେ ଏହାର ଅତ୍ୟଧିକ ବ୍ୟାପକତା ଏହାକୁ ସାମଗ୍ରିକ କାର୍ଡିଓମେଟାବୋଲିକ୍ ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ଉପସ୍ଥାପନ କରୁଛି ।

ଏହି ସମସ୍ୟାର ମୂଳ କାରଣ ଖୋଜିବାକୁ ଗଲେ ଜୀବନଶୈଳୀ ଏବଂ ଖାଦ୍ୟପେୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡେ । ବିଶେଷଜ୍ଞମାନଙ୍କ ମତରେ, ଯଦିଓ ଭାରତୀୟମାନେ ଜେନେଟିକ୍ ଭାବରେ ଏହି ସମସ୍ୟା ପ୍ରତି ସମ୍ବେଦନଶୀଳ, ତଥାପି ଆମର ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ ଏଥିପାଇଁ ସମାନ ଭାବରେ ଦାୟୀ । ଆମର ଦୈନନ୍ଦିନ ଖାଦ୍ୟରେ କାର୍ବୋହାଇଡ୍ରେଟ୍‌ର ମାତ୍ରା ଅଧିକ ରହୁଛି, ଯେପରିକି ଭାତ ଏବଂ ରୁଟି ଉପରେ ଆମର ଅତ୍ୟଧିକ ନିର୍ଭରଶୀଳତା । ଅତ୍ୟଧିକ କାର୍ବୋହାଇଡ୍ରେଟ୍ ଟ୍ରାଇଗ୍ଲିସେରାଇଡ୍ ସ୍ତରକୁ ବଢାଇଦିଏ ଏବଂ ଏଚ୍‌ଡିଏଲ୍ ସ୍ତରକୁ କମାଇଦିଏ । ଗବେଷକଙ୍କ ମତରେ କେବଳ ଏହି ଗୋଟିଏ ଖାଦ୍ୟଗତ କାରଣ ଭାରତୀୟମାନଙ୍କଠାରେ ୯୦ ପ୍ରତିଶତ ଡିସଲିପିଡେମିଆ ପାଇଁ ଦାୟୀ ଅଟେ । ତେଣୁ ଖାଦ୍ୟ ଥାଳିର ସଠିକ୍ ପରିଚାଳନା ନିହାତି ଆବଶ୍ୟକ । ଏକ ଆଦର୍ଶ ଥାଳିରେ ଏକ ଚତୁର୍ଥାଂଶ କାର୍ବୋହାଇଡ୍ରେଟ୍, ଏକ ଚତୁର୍ଥାଂଶ ପ୍ରୋଟିନ୍ ଏବଂ ଅଧା ଥାଳି ପନିପରିବା ଓ ଫଳ ରହିବା ଉଚିତ୍ । ଏହିପରି ସନ୍ତୁଳିତ ଆହାର ଗ୍ରହଣ କଲେ ରକ୍ତରେ ଲିପିଡ୍ ସ୍ତରକୁ ସହଜରେ ନିୟନ୍ତ୍ରଣରେ ରଖାଯାଇପାରିବ ଏବଂ ହୃଦରୋଗର ଆଶଙ୍କାକୁ କମାଯାଇପାରିବ । ଆମର ଦୈନନ୍ଦିନ ଅଭ୍ୟାସ, ଯେପରିକି ସୁସ୍ଥ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା ଏବଂ ତମାଖୁ ବର୍ଜନ କରିବା, ହୃଦୟର ସୁସ୍ଥତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅଧ୍ୟୟନ ପୁନର୍ବାର ପ୍ରମାଣିତ କରିଛି ।

ଏହି ଅଧ୍ୟୟନର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ଯେଉଁମାନଙ୍କୁ ଆମେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଭାବୁଛୁ, ସେମାନେ ମଧ୍ୟ ଏହି ବିପଦରୁ ମୁକ୍ତ ନୁହଁନ୍ତି । ଗବେଷକମାନେ ଆକଳନ କରିଛନ୍ତି ଯେ ପ୍ରାୟ ୩୫.୫ କୋଟି ଭାରତୀୟଙ୍କଠାରେ ସ୍ୱାଭାବିକ ରକ୍ତଶର୍କରା, ସ୍ୱାଭାବିକ ରକ୍ତଚାପ ଏବଂ ମୋଟାପଣ ନଥାଇ ମଧ୍ୟ ଅସ୍ୱାଭାବିକ ଲିପିଡ୍ ସ୍ତର ରହିଛି । ଅର୍ଥାତ୍ ଲକ୍ଷ ଲକ୍ଷ ଲୋକ ଯେଉଁମାନେ ଦେଖିବାକୁ ପତଳା ଏବଂ ସୁସ୍ଥ ଲାଗନ୍ତି, ସେମାନେ ମଧ୍ୟ ଭବିଷ୍ୟତରେ ହୃଦରୋଗର ଏକ ବଡ଼ ଆଶଙ୍କା ବହନ କରୁଛନ୍ତି । ଏହା ସେହି ପାରମ୍ପରିକ ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରୁଛି ଯେ କେବଳ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ଅଧିକ ଓଜନ ଥିବା ବ୍ୟକ୍ତିମାନେ ହିଁ କୋଲେଷ୍ଟେରଲ୍ ପରୀକ୍ଷା କରିବା ଉଚିତ୍ । ଏହି ତଥ୍ୟ ଆମକୁ ଚେତାବନୀ ଦେଉଛି ଯେ ବାହ୍ୟ ଆକୃତି ଦେଖି କାହାରି ସ୍ୱାସ୍ଥ୍ୟର ସଠିକ୍ ଆକଳନ କରାଯାଇପାରିବ ନାହିଁ । ଏବେ ସମୟ ଆସିଛି ଯେ ପ୍ରତ୍ୟେକ ବ୍ୟକ୍ତି, ନିଜର ଓଜନ ଏବଂ ଶାରୀରିକ ଗଠନ ନିର୍ବିଶେଷରେ, ନିଜର ଲିପିଡ୍ ପ୍ରୋଫାଇଲ୍ ପରୀକ୍ଷା କରିବାକୁ ଗୁରୁତ୍ୱ ଦେବା ଦରକାର । ଯେତେ ଶୀଘ୍ର ଏହି ସମସ୍ୟା ଚିହ୍ନଟ ହେବ, ସେତେ ଶୀଘ୍ର ଏହାର ନିରାକରଣ ସମ୍ଭବ ହୋଇପାରିବ ।

ବୟସ ଏବଂ ଲିଙ୍ଗଗତ ତଥ୍ୟକୁ ବିଶ୍ଳେଷଣ କଲେ ପରିସ୍ଥିତି ଆହୁରି ଚିନ୍ତାଜନକ ମନେହୁଏ। ଅନେକ ଲୋକ ଭାବନ୍ତି ଯେ ହୃଦରୋଗର ଆଶଙ୍କା କେବଳ ବୃଦ୍ଧାବସ୍ଥାରେ ବଢିଥାଏ, କିନ୍ତୁ ଏହି ଅଧ୍ୟୟନ ଅନୁଯାୟୀ ଡିସଲିପିଡେମିଆର ପ୍ରକୋପ ୩୦ ରୁ ୩୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ରହୁଛି । ଏହାର ଅର୍ଥ ହେଉଛି ଯେ ବୟସ୍କ ଜୀବନର ସବୁଠାରୁ ଉତ୍ପାଦନଶୀଳ ସମୟରେ ହିଁ ଶରୀରର ମେଟାବୋଲିଜିମ୍‌ରେ ଅସ୍ୱାସ୍ଥ୍ୟକର ପରିବର୍ତ୍ତନ ଆରମ୍ଭ ହୋଇଯାଉଛି । ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ଦେଶ ଭାରତ ପାଇଁ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହୋଇପାରେ । କମ୍ ବୟସରୁ ଅସ୍ୱାଭାବିକ ଲିପିଡ୍ ସ୍ତର ଆରମ୍ଭ ହେବାର ଅର୍ଥ ହେଉଛି ଜୀବନସାରା କୋଲେଷ୍ଟେରଲ୍ ଜନିତ କ୍ଷତିର ସମ୍ମୁଖୀନ ହେବା, ଯାହା ଅକାଳ ହୃଦରୋଗର ଆଶଙ୍କାକୁ ବହୁଗୁଣିତ କରିଦିଏ। ଏହାବ୍ୟତୀତ, ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କଠାରେ ଡିସଲିପିଡେମିଆର ପ୍ରଭାବ ଅଧିକ ରହିଛି । ଏହା ସୂଚାଉଛି ଯେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ପରିବାର ଏବଂ ସମାଜର ଅଧିକ ଧ୍ୟାନ ଦେବା ଆବଶ୍ୟକ ଏବଂ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ୍ ।

ସହର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ଏବେ ସଙ୍କୁଚିତ ହେବାରେ ଲାଗିଛି। ଯଦିଓ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ବାସିନ୍ଦାମାନେ ଅଧିକ ପ୍ରଭାବିତ ହୋଇଛନ୍ତି, ତଥାପି ଗ୍ରାମୀଣ ଭାରତ ମଧ୍ୟ ଏହି ସଙ୍କଟରୁ ସୁରକ୍ଷିତ ନାହିଁ । ସହର ଓ ଗାଁ ମଧ୍ୟରେ ଥିବା ଏହି ସାମାନ୍ୟ ପାର୍ଥକ୍ୟ ସୂଚାଉଛି ଯେ ଖରାପ ଜୀବନଶୈଳୀ, ତ୍ରୁଟିପୂର୍ଣ୍ଣ ଖାଦ୍ୟପେୟ ଏବଂ ଶାରୀରିକ ପରିଶ୍ରମର ଅଭାବ ଏବେ କେବଳ ବଡ଼ ବଡ଼ ସହରରେ ସୀମିତ ନାହିଁ, ବରଂ ଦେଶର କୋଣ ଅନୁକୋଣରେ ପହଞ୍ଚିଗଲାଣି । ପ୍ରକ୍ରିୟାକୃତ ଖାଦ୍ୟ, ବସି ରହି କାମ କରିବା ଏବଂ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଇବା ଆଜିକାଲି ସାଧାରଣ କଥା ହୋଇଗଲାଣି । ଆଶା କରାଯାଉଥିବା ଭଳି, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ମୋଟାପଣ ଥିବା ବ୍ୟକ୍ତିମାନଙ୍କଠାରେ ଅସ୍ୱାଭାବିକ ଲିପିଡ୍ ସ୍ତର ଅଧିକ ଦେଖାଯାଉଛି । ଶାରୀରିକ ନିଷ୍କ୍ରିୟତା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଏହି ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏକ ବିରାଟ ବୋଝ ପକାଇବାକୁ ଯାଉଛି, ଯାହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଆବଶ୍ୟକ ।

ହୃଦରୋଗ ଏବେ ବି ଭାରତରେ ମୃତ୍ୟୁର ସବୁଠାରୁ ବଡ଼ କାରଣ ହୋଇ ରହିଛି ଏବଂ ଡିସଲିପିଡେମିଆ ହେଉଛି ଏହାର ଅନ୍ୟତମ ପ୍ରମୁଖ କାରଣ । ତେବେ ଆଶ୍ୱାସନାର ବିଷୟ ହେଉଛି ଯେ ଏହାକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ । ଏହି ପରିପ୍ରେକ୍ଷୀରେ, ଦେଶର ସ୍ୱାସ୍ଥ୍ୟ ପରୀକ୍ଷା ରଣନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । କେହି ଜଣେ ମଧୁମେହ କିମ୍ବା ଉଚ୍ଚ ରକ୍ତଚାପର ଶିକାର ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଏବଂ ତା'ପରେ ତାଙ୍କର କୋଲେଷ୍ଟେରଲ୍ ପରୀକ୍ଷା କରିବା ପ୍ରକ୍ରିୟା ଆଉ ଫଳପ୍ରଦ ନୁହେଁ । ଏପରି କଲେ ଲକ୍ଷ ଲକ୍ଷ ଉଚ୍ଚ-ବିପଦସମ୍ପନ୍ନ ବ୍ୟକ୍ତି ଚିହ୍ନଟ ହେବାରୁ ବଞ୍ଚିତ ହେବେ । ଏହା ପରିବର୍ତ୍ତେ, ବ୍ୟାପକ ଲିପିଡ୍ ସ୍କ୍ରିନିଂ, ବିପଦର ପ୍ରାରମ୍ଭିକ ଚିହ୍ନଟ ଏବଂ ଠିକ୍ ସମୟରେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦ୍ୱାରା ଭବିଷ୍ୟତରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍‌ର ମାତ୍ରାକୁ ଯଥେଷ୍ଟ ହ୍ରାସ କରାଯାଇପାରିବ । ନିୟମିତ ବ୍ୟାୟାମ, ଅଲ୍ଟ୍ରା-ପ୍ରୋସେସଡ୍ ଖାଦ୍ୟ ଏବଂ ଟ୍ରାନ୍ସ ଫ୍ୟାଟ୍ ବର୍ଜନ କରିବା, ଅଧିକ ଫଳ ଓ ପନିପରିବା ଖାଇବା, ସଠିକ୍ ଓଜନ ବଜାୟ ରଖିବା ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଦ୍ୱାରା ହୃଦରୋଗର ଆଶଙ୍କାକୁ ବହୁମାତ୍ରାରେ କମାଯାଇପାରିବ । ଲୋକମାନେ କେବଳ ଯୁବକ, ପତଳା କିମ୍ବା ମଧୁମେହମୁକ୍ତ ଥିବାରୁ ନିଜକୁ ସୁରକ୍ଷିତ ବୋଲି ଭାବିବା ଉଚିତ୍ ନୁହେଁ ।

ପରିଶେଷରେ, ଏହି ରିପୋର୍ଟ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ସମୟ ଥାଉ ଥାଉ ସଚେତନ ନହେଲେ ଭବିଷ୍ୟତରେ ଏହା ଏକ ଭୟଙ୍କର ସ୍ୱାସ୍ଥ୍ୟ ବିପର୍ଯ୍ୟୟର ରୂପ ନେବ । ଯଦି ଭାରତ ହୃଦରୋଗର ଏହି ବଢୁଥିବା ସୁନାମିକୁ ରୋକିବାକୁ ଚାହୁଁଛି, ତେବେ କୋଲେଷ୍ଟେରଲ୍ ପରୀକ୍ଷା ଆହୁରି କମ୍ ବୟସରୁ ଆରମ୍ଭ ହେବା ଆବଶ୍ୟକ । ରୋଗ ନିରାକରଣ ଅପେକ୍ଷା ପ୍ରତିରୋଧକୁ ଅଧିକ ପ୍ରାଥମିକତା ଦିଆଯିବା ଉଚିତ୍ ଏବଂ ଏହି ସଚେତନତା ପ୍ରତ୍ୟେକ ପରିବାରରେ ପହଞ୍ଚିବା ଜରୁରୀ । ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ନୀତି ପ୍ରଣୟନକାରୀମାନେ ଏହି ତଥ୍ୟକୁ ଭିତ୍ତି କରି ନୂତନ ମାର୍ଗଦର୍ଶିକା ଜାରି କରିବା ଉଚିତ୍, ଯେଉଁଥିରେ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଲିପିଡ୍ ପ୍ରୋଫାଇଲ୍ ଟେଷ୍ଟ ସାମିଲ ଥିବ । ଯେତେବେଳେ ଦେଶର ୧୦ ଜଣ ବୟସ୍କଙ୍କ ମଧ୍ୟରୁ ପ୍ରାୟ ୯ ଜଣଙ୍କର ଲିପିଡ୍ ପ୍ରୋଫାଇଲ୍ ଅସ୍ୱାଭାବିକ ରହୁଛି, ସେତେବେଳେ ପ୍ରଶ୍ନ ଏହା ନୁହେଁ ଯେ କିଏ ବିପଦରେ ଅଛି, ବରଂ ପ୍ରଶ୍ନ ହେଉଛି ଆମେ କେତେ ଶୀଘ୍ର ଏହାର ପ୍ରତିକାର ପାଇଁ ପଦକ୍ଷେପ ନେଉଛୁ । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଏକ ସୁସ୍ଥ ଏବଂ ସୁରକ୍ଷିତ ଭାରତ ଗଠନରେ ସହାୟକ ହୋଇପାରିବ ।

# ଆବ୍ରାହାମ୍ ଆକର୍ଡ଼ (ଚୁକ୍ତି)ର ଭବିଷ୍ୟ



## ଡା. ରାଜକିଶୋର ପଣ୍ଡା



ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଗୋଟିଏ ନାମ ବାରମ୍ୱାର ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ଗୁରୁତ୍ୱ ପାଇଥିଲା। ଏହି ନାମଟି ହେଉଛି "ଆବ୍ରାହାମ୍ ଆକର୍ଡ଼"(**Abraham Accord**)। ଏହି ଆକର୍ଡ଼ ଶବ୍ଦର ଅର୍ଥ ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁଯାୟୀ ହେଉଛି ଅନୁମତି ବା ସମ୍ମତି। ବିଶ୍ୱରାଜନୀତି ପରିପ୍ରେକ୍ଷୀରେ ଆମେ ଏହାକୁ ଆବ୍ରାହାମ୍ ଚୁକ୍ତି ବୋଲି ମଧ୍ୟ କହି ପାରିବା। ତେବେ କ'ଣ ଏହି ଆବ୍ରାହାମ୍ ଚୁକ୍ତି ଓ କେଉଁ କାରଣବଶତଃ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଆମେ ବର୍ତ୍ତମାନ ଜାଣିବା।

ଆବ୍ରାହାମ୍ ଆକର୍ଡ଼ ସଂକ୍ଷେପରେ ହେଉଛି ଏକ ଧାରାବାହିକ ଚୁକ୍ତି ସମୂହ ଯାହାକି ଆମେରିକା ମଧ୍ୟସ୍ଥତାରେ, ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ଇସ୍ରାଏଲ ଓ କିଛି ଆରବ ରାଷ୍ଟ୍ର ମଧ୍ୟରେ। ଏହି ଚୁକ୍ତିର ପ୍ରାଥମିକ ଲକ୍ଷ୍ୟ ଥିଲା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାଦ୍ୱାରା ସେଠାରେ କୂଟନୈତିକ ସମ୍ପର୍କ ଏକ ଐତିହାସିକ ମୋଡ଼ ନେଇଥିଲା। ଚୁକ୍ତିର ନାମକରଣଟି ଆବ୍ରାହାମ୍‌ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହାମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ। ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା। ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଅନ୍ୟ ରାଷ୍ଟ୍ରମାନେ ଯେଉଁମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ। ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହାମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି।

ଆବ୍ରାହାମ୍ ଆକର୍ଡ଼ର ଉଦ୍ଦେଶ୍ୟ ଏହା ଯେ ଆରବ ରାଷ୍ଟ୍ରମାନେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ୍ ଦେଶ ପ୍ରସଙ୍ଗରୁ ନିଜକୁ ଦୂରରେ ରଖନ୍ତୁ। ଇସ୍ରାଏଲ, ୟୁଏଇ ଓ ବାହାରିନ୍ ମଧ୍ୟରେ ଏକ ପରିପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ମଧ୍ୟ ଏହି ଚୁକ୍ତିର ଲକ୍ଷ୍ୟ। ଏହି ଚୁକ୍ତିକୁ ସମର୍ଥନ କରିବା ଦ୍ୱାରା ୟୁଏଇ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି।

ଏହି ଚୁକ୍ତି ବିଷୟରେ ପ୍ରଥମେ ଅଗଷ୍ଟ ୨୦୨୦ରେ ଘୋଷଣା କରାଯାଇଥିଲା ଓ ସେପ୍ଟେମ୍ବର ପନ୍ଦର ୨୦୨୦ରେ ୱାଶିଂଟନ୍‌ଠାରେ ଏହା ସ୍ୱାକ୍ଷରିତ ବା ଚୂଡ଼ାନ୍ତ ହୋଇଥିଲା। ଜୁଲାଇ ୨୦୨୫ରେ ଦ୍ୱିତୀୟ ଟ୍ରମ୍ପ ପ୍ରଶାସନ ସିରିଆ, ଲେବାନନ୍ ଓ ସାଉଦି ଆରବକୁ ଏହି ଚୁକ୍ତିରେ ମିଶାଇବା ପାଇଁ ଉଦ୍ୟମ କରିଥିଲେ। ସେହିପରି ଡିସେମ୍ବର ୨୦୨୫ରେ ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ, ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶର ମାନ୍ୟତା ଦେବା ପରେ, ସେ ମଧ୍ୟ ଏହି ଚୁକ୍ତିରେ ମିଶିବା ପାଇଁ ନିଷ୍ପତ୍ତି ନେଇଛି।

ଏବେ ଦେଖିବା ଯେ ଆବ୍ରାହାମ୍ ଆକର୍ଡ଼ ସ୍ୱାକ୍ଷରିତ ହେବାପରେ ଦ୍ୱିପାକ୍ଷିକ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପରିବର୍ତ୍ତନମାନ ଆସିଛି। ଉପରୋକ୍ତ ଚୁକ୍ତି ପରେ, ୨୦୨୧ ମସିହାରେ ଇସ୍ରାଏଲ, ୟୁଏଇର ଆବୁଧାବିରେ ଦୂତାବାସ ଖୋଲିବା ସହିତ ୟୁଏଇ ମଧ୍ୟ ତେଲ ଅଭିଭରେ ଦୂତାବାସ ଖୋଲିଛି। ଇସ୍ରାଏଲ ଓ ୟୁଏଇ ମଧ୍ୟରେ ବାଣିଜ୍ୟ କାରବାର ୯୦୦ ମିଲିଅନ ଡଲାରକୁ ଛୁଇଁ ଅଛି। ପର୍ଯ୍ୟଟନ କ୍ଷେତ୍ରକୁ ଦେଖିଲେ, ଦୁଇରାଷ୍ଟ୍ର ମଧ୍ୟରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାଦ୍ୱାରା ପ୍ରଥମ ମାସରେ ହିଁ କେବଳ ସତୁରୀ ହଜାର ଇସ୍ରାଏଲ୍ ପର୍ଯ୍ୟଟକ, ୟୁଏଇ ଭ୍ରମଣ କରିଛନ୍ତି। ଅନେକ ଇସ୍ରାଏଲୀ ଯୁବକମାନଙ୍କ ପାଇଁ ୟୁଏଇ ନିଯୁକ୍ତିର ଦେଶ ମଧ୍ୟ ପାଲଟିଛି। ୟୁଏଇ ଓ ବାହାରିନକୁ ମିଠାଜଳ ଯୋଗାଇବା ପାଇଁ ମଧ୍ୟ ଇସ୍ରାଏଲ ଚୁକ୍ତିବଦ୍ଧ ହୋଇଛି।

ଏହି ଚୁକ୍ତିଦ୍ୱାରା ଭାରତ ମଧ୍ୟ ଅନେକାଂଶରେ ଲାଭବାନ୍ ହେଉଅଛି। ଆବ୍ରାହାମ୍ ଆକର୍ଡ଼ ଦ୍ୱାରା ଭାରତର ଉଭୟ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ସୁଧାର ଆସିଛି, ଯାହାକି ବାଟ କଢ଼ାଇ ନେଇଛି ଆଇ.ଟୁ.ୟୁ.ଟୁ (**I2U2**) ମଞ୍ଚକୁ। ଏହି ମଞ୍ଚକୁ ଆବ୍ରାହାମ୍ ଆକର୍ଡ଼ର ସନ୍ତାନ ଭାବରେ ବିବେଚନା କରାଯାଉଛି। ଏହି ମଞ୍ଚରେ ଚାରୋଟି ଦେଶ ଅଛନ୍ତି - ଭାରତ, ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ। ପ୍ରତ୍ୟେକଟି ଦେଶର ଇଂରାଜୀ ନାମ ଅନୁସାରେ ଉପରୋକ୍ତ ମଞ୍ଚର ନାମକରଣ ଏପରି କରାଯାଇଛି। ଏହାକୁ ପଶ୍ଚିମ ଏସିୟ କ୍ୱାଡ଼ (**West Asian Quad**) ବୋଲି ମଧ୍ୟ କୁହାଯାଉଛି।


ଆଇ.ଟୁ.ୟୁ.ଟୁ ମଞ୍ଚଦ୍ୱାରା ଛଅଗୋଟି କ୍ଷେତ୍ରରେ ମିଳିତ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଉତ୍ସାହିତ କରାଯାଉଛି। ଏହି କ୍ଷେତ୍ରଗୁଡ଼ିକ ହେଉଛନ୍ତି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବହନ, ମହାକାଶ ଗବେଷଣା, ଜଳ ଓ ଶକ୍ତି ସୁରକ୍ଷା।

ଭାରତୀୟ ଛାତ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଯାଇପାରୁଛନ୍ତି ଓ ଏହାଦ୍ୱାରା ଦ୍ୱିପାକ୍ଷିକ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଉନ୍ନତି ଘଟୁଛି। ନିବନ୍ଧର ଶେଷ ଭାଗରେ ଆମେ ଆଲୋଚନା କରିବା ଯେ ଆବ୍ରାହାମ୍ ଆକର୍ଡ଼ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ କେଉଁ ସବୁ ଅସୁବିଧା ରହୁଛି। ପ୍ରଥମ ହେଉଛି ପାଲେଷ୍ଟାଇନ୍ ପ୍ରସଙ୍ଗ। ଆମେରିକାର ଉଦ୍ଦେଶ୍ୟ ଏହି ଯେ, ଆରବ ରାଷ୍ଟ୍ରମାନେ, ଆବ୍ରାହାମ ଆକର୍ଡ଼କୁ ସ୍ୱୀକୃତି ଦିଅନ୍ତୁ ଓ ପାଲେଷ୍ଟାଇନ୍ ପ୍ରସଙ୍ଗରୁ ଦୂରରେ ରୁହନ୍ତୁ। ଏହାକୁ ୟୁଏଇ ସମର୍ଥନ କରୁଥିବାବେଳେ ବିରୋଧ କରୁଛନ୍ତି ସାଉଦି ଆରବ, ପାକିସ୍ତାନ ଭଳି ରାଷ୍ଟ୍ରମାନେ। ଏଠାରେ ଗୋଟିଏ ତଥ୍ୟ ଉଲ୍ଲେଖ କରିବାକୁ ଏ ଲେଖକ ଚାହୁଁଛି କି, ଦଶନ୍ଧି ଧରି ପାକିସ୍ତାନର ପାସପୋର୍ଟରେ ଗୋଟିଏ ସରଳ ଅଥଚ ଦୃଷ୍ଟି ଆକର୍ଷକ ନିର୍ଦ୍ଦେଶନାମା ରହିଛି। ଏହା ହେଉଛି, "ସଂପୃକ୍ତ ପାସପୋର୍ଟ ଇସ୍ରାଏଲକୁ ଛାଡ଼ି ଆଉ ସମସ୍ତ ଦେଶ ପାଇଁ ବୈଧ। ପାକିସ୍ତାନର ଏକ ଦୀର୍ଘକାଳୀନ ବିଦେଶନୀତି ହେଉଛି ଇସ୍ରାଏଲ ରାଷ୍ଟ୍ରକୁ ମାନ୍ୟତା ନ ଦେବା। ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷକୁ ଏକ ଐତିହାସିକ ଅନ୍ୟାୟ ବୋଲି ପାକିସ୍ତାନ ସମେତ ସାଉଦି ଆରବ, ଓମାନ୍, କାତାର ଆଦି ମାନୁଛନ୍ତି। ଏଥିରେ ସାଉଦି ଆରବର ସ୍ୱର ସବୁଠାରୁ ଶାଣିତ।" ବିଗତ ଚାରିବର୍ଷ ହେଲାଣି ରିୟାଦ୍ ଦାବି କରି ଆସୁଛି କି, ପାଲେଷ୍ଟାଇନ୍ ରାଷ୍ଟ୍ର ବିଷୟକୁ ତ୍ୟାଗ କରି, କୌଣସି ବି ଶାନ୍ତି ଚୁକ୍ତି କେବେ ବି ଗ୍ରହଣୀୟ ନୁହେଁ। ଯୁବରାଜ ମହମ୍ମଦ୍ ବିନ୍ ସଲମାନଙ୍କର ଏହା ହିଁ ହେଉଛି ପ୍ରମୁଖ ବାର୍ତ୍ତା। ଯଦିଓ ଟ୍ରମ୍ପ ଯୁଦ୍ଧ ସମୟରେ ଏକ ପ୍ରସ୍ତାବ ଦେଇଥିଲେ କି, ପ୍ରଥମେ ଆରବ ରାଷ୍ଟ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ, ଏହାକୁ କିନ୍ତୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍‌ବାସ୍ ଆରଘାଚୀ ଘୋର ବିରୋଧ କରିଥିଲେ। ଦ୍ୱିତୀୟରେ ସାଂସ୍କୃତିକ ସଂଘର୍ଷ, ଯାହାକି ହେଉଛି ସିଆ ବନାମ ସୁନ୍ନି। ସାଉଦି ଆରବ ସୁନ୍ନି ବହୁଳ ହୋଇଥିବାବେଳେ ଇରାନ୍ ସିଆ ବହୁଳ। ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଅତି ପୁରାତନ। ତେଣୁ ଦୁଇଟି ରାଷ୍ଟ୍ର ଏକ ମିଳିତ ସହମତି ଭିତ୍ତିକ ରାଜିନାମାରେ ପହଞ୍ଚିବାର ସମ୍ଭାବନା ଅତ୍ୟନ୍ତ କମ୍। ତୃତୀୟରେ ବର୍ତ୍ତମାନ ସମୟରେ ଆମେରିକାକୁ ଛାଡ଼ିଦେଲେ ରୁଷିଆ ଓ ଚୀନ ମଧ୍ୟ ଇରାନ୍ ଇସ୍ରାଏଲ ପ୍ରସଙ୍ଗରେ ମୁଣ୍ଡ ଖେଳାଉଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଏହି ବହୁମୁଖୀତା ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଚତୁର୍ଥରେ ପୁଞ୍ଜି ପ୍ରସଙ୍ଗ। ଆବ୍ରାହାମ୍ ଆକର୍ଡ଼ ଅନୁସାରେ ଏକ ପୁଞ୍ଜି ବା ଫଣ୍ଡ ବ୍ୟବସ୍ଥା ଆମେରିକା ତରଫରୁ କରାଯାଇଥିଲା। ଏହାକୁ କୁହାଯାଉଥିଲା ଆବ୍ରାହାମ୍ ଫଣ୍ଡ। ଲକ୍ଷ୍ୟ ରଖାଯାଇଥିଲା କି ଏହି ଫଣ୍ଡ ଜରିଆରେ ପାଖାପାଖି ୩ ବିଲିଅନ ଡଲାର ଅର୍ଥ ସଂଗ୍ରହ କରାଯିବ ଓ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟରେ ଲଗାଯିବ। ଉପରୋକ୍ତ ବିଭିନ୍ନ କାରଣରୁ କିନ୍ତୁ ଆବ୍ରାହାମ୍ ଚୁକ୍ତି ସମ୍ପୂର୍ଣ୍ଣ ଭାବରେ ଫଳବତୀ ହୋଇପାରିଲା ନାହିଁ, ଆବ୍ରାହାମ୍ ଫଣ୍ଡର ଭବିଷ୍ୟତ ମଧ୍ୟ ଅନିଶ୍ଚିତତାର ଘେରରେ।

ତେଣୁ ପରିଶେଷରେ ଯଦିଓ ଏହା ସ୍ପଷ୍ଟ ଯେ ଆବ୍ରାହାମ୍ ଆକର୍ଡ଼ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା କିନ୍ତୁ ନିର୍ଭର କରୁଛି, ଅନେକଗୁଡ଼ିଏ ଭୂରାଜନୈତିକ (**Geopolitical**) ପ୍ରସଙ୍ଗ ଉପରେ, ଯାହା ମଧ୍ୟରୁ ଅନ୍ୟତମ ହେଉଛି ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା।

+ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# ସବୁ କାଳିଆର ଇଚ୍ଛା



## ସୁବ୍ରତ କର

ଆମ ଦୁନିଆ ଚାଲିଛି କାଳିଆର ଇଚ୍ଛାରେ । ସେ ଚାହିଁଲେ ସବୁକିଛି ହେବ, ନ ଚାହିଁଲେ କିଛି ହେବ ନାହିଁ । ଗତ ତିନି ଦିନରେ ରଥଯାତ୍ରା ସମୟରେ କଣ ଘଟିଲା ଏବଂ ଏପରି କାହିଁକି ହେଲା ? ଏ ବର୍ଷ ପ୍ରଶାସନ ଅତି ସଜାଗ ଥିଲେ ଏବଂ ପ୍ରାୟ ୧୩ ହଜାର ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ ଏବଂ ତା ସହିତ ପ୍ରାୟ ୧୯ ଜଣ ଆଇ.ପି.ଏସ ବାବୁ ମାନଙ୍କୁ ମଧ୍ୟ ଦେଖିଭାଳ କରିବା ପାଇଁ କୁହା ହୋଇଥିଲା ରଥଯାତ୍ରାକୁ ସୁରୁଖୁରୁରେ ଏବଂ ସଫଳ କରିବା ପାଇଁ । ଏପରିକି ଆମ ସରକାରଙ୍କ ମୁଖିଆ ଅତି ତତ୍ପର ହୋଇ ବାରମ୍ବାର ସଭା ଷାକି ଟିକିନିଖି ଭାବରେ ରଥଯାତ୍ରାକୁ ସମ୍ପୂର୍ଣ୍ଣ କରିବା ପାଇଁ ଚାହିଁଥିଲେ । ସରକାର ଏବଂ ଶାସନକଳ ଚାହିଁଲେ କଣ ହେବ ? କାଳିଆର ମନରେ ଅନ୍ୟକଥା ଥିଲା। କାଳିଆ ଭାବିଲେ ଯଦି ସବୁକିଛି ଠିକ୍ ଠାକ୍ ଚାଲେ ତେବେ କାଳିଆଙ୍କୁ କେହି ମାନିବେ ନାହିଁ । ହୁଏତ ଏଇଥି ପାଇଁ ସେ ତାଙ୍କର ଛୋଟିଆ ଖେଳଟି ଦେଖେଇ ଜଣାଇଦେଲେ ଯେତେ ଯାହା କର ବିନା କାଳିଆର ଇଚ୍ଛାରେ କିଛି ହୋଇ ପାରିବ ନାହିଁ । ଗତବର୍ଷ କାଳିଆ ଭାବିଲେ ବଡ଼ ଭାଇଙ୍କୁ ସମ୍ଭାଳି ନ ପାରି ପକେଇ ଦେଇଥିଲେ ଏବଂ ଏହାପରେ ମନ୍ଦିର ପ୍ରଶାସନ ବିଶେଷ ସାବଧାନ ହେବାର ଥିଲା। ଖାଲି ଆଇ.ପି.ଏସ୍ ବାବୁମାନଙ୍କୁ କାମରେ ଲଗେଇ ଦେଇ ପ୍ରଶାସନ ନିରବି ଯାଇଥିଲା। କାଳିଆ ନିଜର ଟିକିଏ କ୍ଷମତା ଦେଖାଇ ଭକ୍ତମାନଙ୍କ ଠାରେ ପ୍ରଶାସନ ଯେ



କେତେ ଅସହାୟ ପ୍ରମାଣ କରି ଦେଖାଇ ଦେଲା। କାଳିଆ ଗୋଟାଏ ଜିନିଷକୁ ସହି ପାରେ ନାହିଁ, ସେଇଟା ହେଉଛି କ୍ଷମତାବାନ୍ ଲୋକଙ୍କର ଅହଂକାର । ପାରିଲେ, ରାଜ୍ୟର ମୁଖିଆ ବା ସରକାରଙ୍କ ମୁଖିଆ ରଥଯାତ୍ରାକୁ ଭକ୍ତଙ୍କ ପାଖରେ ସଫଳ କରି ? ପ୍ରମାଣ କରି ଦେଖେଇ ଦେଲା ସେ ନ ଚାହିଁଲେ କିଛି ହୋଇ ପାରିବ ନାହିଁ । ହୁଏତ ପ୍ରଥମଥର ରଥଯାତ୍ରାରେ ସେବକ ଏବଂ ମନ୍ଦିର କମାଣ୍ଡର ମଧ୍ୟରେ ମୁଖି ମରାମରି । କାଳିଆ ଟାହିଆ ନ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦେବା ସେ ଚାହିଁଲେ ନାହିଁ ତାଙ୍କ ରଥ ମଧ୍ୟ ଗଡୁ । ରଥଟଣାକୁ ପ୍ରଶାସନ ବାଧ ହୋଇ ସ୍ଥଗିତ ରଖି ପରଦିନକୁ ରଖିଲା । ଦଳା ଚକଟା ଘଟଣାକୁ ଚାପିଦେବା ପାଇଁ ବ୍ୟସ୍ତ । ୩ ଜଣ ଭକ୍ତ କାଳିଆର ଆଶୀର୍ବାଦ ପାଇବାରେ ସକ୍ଷମ ହେଲେ। ଅନେକ ଭକ୍ତଙ୍କ ହାତ ଗୋଡ଼ ମଧ୍ୟ ଭାଙ୍ଗିଲା । ସବୁଠୁ ଦୁଃଖର କଥା କାହାରି ମନରେ ଦୁଃଖ ନାହିଁ । ଏହି ଘଟଣା ଘଟଲା ପରେ ମଧ୍ୟ ସରକାର ବାହାଦୁର ସ୍ୱୀକାର କରିବାକୁ ଚାହୁଁ ନଥିଲେ ଏବଂ ଅତି ହାଲୁକା ଭାବରେ ଗ୍ରହଣ କରିଥିଲେ । ଏହି ସବୁ ତିନି ଦିନ ମଧ୍ୟରେ ଘଟିଥିଲା । କାଳିଆର ଦୁଃଖ ନିଶ୍ଚୟ ହୋଇଥିବା ଭକ୍ତମାନେ ଏତେ ହଇରାଣ ହରକତ୍ ହେଲେ ଶେଷରେ ଜୀବନ ମଧ୍ୟ ହାରିଲେ । କିନ୍ତୁ କ୍ଷମତାବାନ୍ ଲୋକଙ୍କୁ ଦେଖେଇ ଦେଲେ ଯେ ସେ ଚାହିଁଲେ ସେମାନଙ୍କୁ ଲକ୍ଷଲକ୍ଷ ଭକ୍ତ ମାନଙ୍କ ପାଖରେ ଛୋଟ କରିଦେଲେ, ଅପଦସ୍ତ କରିଲେ ଏବଂ ବଦନାମ ମଧ୍ୟ। କାଳିଆ ଭାବୁଥିବେ ଏମାନଙ୍କୁ ପାନେ ଦରକାର ଥିଲା ଏବଂ ମିଳିଲା ମଧ୍ୟ। ଦେଖାଯାଉ ଏମାନେ ନିଜକୁ ସୁଧାରି ଅନ୍ତତଃ ଭବିଷ୍ୟତରେ ରଥଯାତ୍ରା ଦିନ ପୁରୀ ନ ଆସନ୍ତୁ ଆସିଲେ ଭଲ ।




# ହେରା ପଂଚମୀ...

## ରାମଚନ୍ଦ୍ର ବେହେରା



ଶ୍ରୀଗୁଣ୍ଡିଚା ଦିନ ପ୍ରଭୁ ଦାରୁବ୍ରହ୍ମ
ଭ୍ରାତା ଭଗିନୀଂକ ସହ
ଜନମ ବେଦୀକୁ ଯାଇଥିଲେ ବୁଲି
ଭୁଲି ରତ୍ନବେଦୀ ମୋହ
ଧର୍ମପତ୍ନୀଂକୁ ନକହି
ଆଡପ ମଣ୍ଡପେ ବିରାଜିଲେ ନାଥ
ଭକ୍ତଂକୁ ମିଳିବା ପାଇଁ।

ରୋଷେ ଜର୍ଜରିତ ହୋଇ ଲକ୍ଷ୍ମୀମାତ
ଶୁକଳ ପଂଚମୀ ସଂଜେ
ପାଲିଂକିରେ ବସି କଳା ଶ୍ରୀମୁଖଂକୁ
ଖୋଜିଲେ ମନ ବିଷାଦେ
ଗୁଣ୍ଡିଚା ମନ୍ଦିର ପାଶେ
ନନ୍ଦିଘୋଷ ରଥ ଦେଖି କମଳିନୀ
ଭାଂଗିଲେ ଚକକୁ ରୋଷ।

ଲକ୍ଷ୍ମୀ ଆସୁଛନ୍ତି ଦେଖି କଳାଦିଅଁ
ଆଡପେ ଛୁପିଲେ ଧୀରେ
ଆଜ୍ଞାମାଳ ପାଇ ବୈଭବ ଦାୟିନୀ
ଫେରିଗଲେ ନିଜ ପୁରେ
ହସିଲେ କଳା ଠାକୁର
ଅକୁହା ଦୁଃଖକୁ ଛୁପେଇ କମଳା
ଫେରିଲେ ଶିରୀମନ୍ଦିର।

ଶ୍ରୀୟା ଚାଣ୍ଡାଲୁଣୀ ଗୃହକୁ କମଳା
ଯାଇଥିଲେ ଥରେ ବୁଲି
ସେଥିପାଇଁ ତାଂକୁ ବିଦା କରିଥିଲ
ମାନ ସନମାନ ଭୁଲି
ମାତାଂକ କ୍ରୋଧ ଅନଳେ
କେତେ ଯେ କଷଣ ଭୋଗିଥିଲା ପ୍ରଭୁ
ଭୁଲିଲକି ମହୀ ତଳେ।

ଜଗତ କରତା ହେ ଦାରୁଦେବତା
କାହିଁକଲ ଏହି କର୍ମ
ସ୍ୱାର୍ଥପର ବୋଲି ସଂସାର କହିଲା
ମାତା କଲେ ଅଭିମାନ
ଧନ୍ୟ ଲୀଳାମୟ ଧନ୍ୟ
ତୁମ ପାଇଁ ଖ୍ୟାତ ଏ ହେରା ପଂଚମୀ
ଆଡପେ ଜଗମୋହନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୨୪୬

# ଜଗତର ନାଥ

## ଡ. ପୁରୁଷୋତ୍ତମ ଧଳ



ଜଗତର ନାଥ ଆହେ ଜଗନ୍ନାଥ
ତୁମେ ତ ବଡ଼ ଠାକୁର
ବରଷକେ ଥରେ ରଥ ଯାତରାରେ
ପହଣ୍ଡିରେ ବିଜେ କର ।

ଭାଇ ବଳଭଦ୍ର ଭଉଣି ସୁଭଦ୍ରା
ସୁଦର୍ଶନ ସାଥେ ଆସ
ଭକ୍ତ ଜନ ସର୍ବେ କରି ଦରଶନ
ପାପ କରିଥାନ୍ତି ନାଶ ।

ବାର ମାସେ ତେର ପରବ ମଧ୍ୟରୁ
ଇଏ ଏକ ବଡ଼ ପର୍ବ
ସାରା ଜଗତରୁ ଆସିଥାନ୍ତି ଜନେ
ଓଡ଼ିଶା ମାଟିର ଗର୍ବ ।

ନବ ଦିନ ବ୍ୟାପୀ ଗୁଣ୍ଡିଚା ମନ୍ଦିରେ
ତୁମେ ତ ରହିବ ଯାଇ
ମାନବୀୟ ଲୀଳା ଖେଳା ସାରି ପୁଣି
ବାହୁଡ଼ି ଆସିବ ସାଇଁ।

ସୁନାବେଶେ ତୁମେ ଦେବ ଦରଶନ
ସୁସଜ୍ଜିତ ତିନି ରଥେ
ଆକୁଳ ନୟନେ ଚାହିଁଥାନ୍ତି ଜନେ
ତୁମକୁ ଦେଖିବେ ସାଥେ ।

+ଅବସରପ୍ରାପ୍ତ ରାଜ୍ୟ ପୁରସ୍କୃତ ପ୍ରଧାନ
ଶିକ୍ଷକ ଓ ସହକାରୀ ଗୋଷ୍ଠୀ
ଶିକ୍ଷାଧିକାରୀ, ପଦିନାରାୟଣପୁର
ବାରିକପୁର ବଜାର, ଭଦ୍ରକ
ମୋ : ୮୯୧୭୬୬୭୦୬୦

## ବାପା, 'ତୁମେ ତୀର୍ଥ କର'

ଜ୍ୟୋତ୍ସ୍ନା ମିଶ୍ର/ପାଣିଗ୍ରାହୀ



ରନ୍ ବେଦୀକୁ ଫେରୁଛନ୍ତି ମହାପ୍ରଭୁ .....!! ନିଳାଦ୍ରୀବିଜେ ଦେଖିବାକୁ ବଡଦାଣ୍ଡ ରେ ଭକ୍ତଙ୍କ ସୁଅ...

ସିଂହ ଦ୍ୱାରରେ ଭାବାବେଗର ପରିବେଶ । ପୁଷ୍ପ ମାଳାରେ ସୁସଜ୍ଜିତ ଶ୍ରୀମନ୍ଦିରର ଚତୁଃପାଶ୍ୱ ଘଣ୍ଟ ଘଣ୍ଟାର ଧ୍ୱନିରେ ପ୍ରକମ୍ପିତ ....

ସୋରିଷ ପକେଇବାକୁ ଜାଗା ନାହିଁ କି କଥାଟେବି କହିଲେ କାହାକୁ ଶୁଭାଯିବନି....।

ବଡ ବିକଳ ହେଉଥିଲେ ବୃଦ୍ଧ ଘନଶ୍ୟାମ। ରଥ ସାମନାରେ ଥିବା ଦୋକାନର ଗୋଟିଏ କୋଣରେ ସେ ବସିରହି ନିର୍ମିଶେଷ ନୟନରେ ରାସ୍ତାକୁ ଚାହିଁ ରହିଥିଲେ । କାଳେ ପୁଅର ମୁହଁ ଦିଶିଯିବକି .......!

କାଳେ ପୁଅ ତାଙ୍କୁ ଖୋଜି ଖୋଜି ହଇରାଣ ହେଉଥିବ କି....

କଣ କରିବେ ସେ ଏବେ....!

ସକାଳଠୁ ତ ଏଇଠି ବସିଛନ୍ତି , ଯଉଠି ତାଙ୍କ ପୁଅ ତାଙ୍କୁ ବସେଇଦେଇ ଯାଇଥିଲା।

କହିଥିଲା, ବାପା, ରଥ ଏଠୁ ସିଧା ଦେଖାଯାଉଛନ୍ତି, ତୁମେ ଏଇଠି ବସି ରଥ ଦେଖୁଥାଅ । ମୁଁ ସବୁଆଡୁ ବୁଲି ସାରି ତମ ପାଇଁ ଭଲ ରସଗୋଲା ନେଇକି ଆସିବି।


ଆସିଲେ ଆମେ ଖାଇବା। ତମେ ଏଇ କୋଡିଏ ଟଙ୍କା ରଖିଥାଅ, ଯଦି ଭୋକ ଲାଗିବ, ତେବେ ବିସ୍କୁଟ ଏଇ ଦୋକାନରୁ କିଣି ଖାଇଦେବ ।

ସେ କହିଲେ, ନାରେ ବାପା,.. ଭୋକ ତ ଲାଗୁନି । ଚାଲ, ଚାହା ପିଇବା। ସେଇ କୋଡିଏ ଟଙ୍କାରୁ ଦଶଟଙ୍କା ସେ ପୁଅକୁ ଦେଲେ ଆଉ ଦୁଇ କପ୍ ଚାହା ପୁଅ ଆଣିଲା ପରେ ସାଙ୍ଗରେ ବସି ପିଇଲେ ।

ଆଖି ବନ୍ଦ କରି ମନେ ପକଉଥିଲେ ବୁଢ଼ା ଘନଶ୍ୟାମ ପଛଦିନର କଥା ସବୁ।

ଗାଁରେ ଘର ସହ ଚାଷଜମିରେ ଧାନ, ମୁଗ, ବାଦାମ, ଆଦି ଚାଷ କରି ସେ ଖୁସି ରେ ଚଳିଯାଉଥିଲେ । ପତ୍ନୀ ଯମୁନା ବି ସୁଗୃହିଣୀ ଥିଲେ । ବାଡ଼ିରେ ପନିପରିବା, ଶାଗ, ଲଙ୍କା ଆଦି ସବୁ ଗଛ ଲଗେଇ ଘର ପାଇଁ ତରକାରୀର ବ୍ୟବସ୍ଥା କରିଦେଉଥିଲା ।

ପରକୁ ପର ଚାରୋଟି ପୁଅ ହେଲା ପରେ, ସେ ଖୁସିରେ ଆତ୍ମହରା ହେଇଯାଉଥିଲେ । ଆଉ ସେ ଏକୁଟିଆ ନୁହନ୍ତି । କିଛି ବର୍ଷ ପରେ ତାଙ୍କ ପୁଅ ମାନେ ତ ତାଙ୍କର ସାହା ଭରସା ହେବେ।



ଯମୁନା ବେଳେବେଳେ କୁହେ, ପିଲାଙ୍କ ପଢାପଢି କଥା ଟିକେ ବୁଝ । ସେମାନଙ୍କ ସବୁ ଅଳିଅର୍ଦ୍ଦଳିକୁ ଏମିତି ମାନିନେଲେ, ସେମାନେ ବଡ ହେଲେ ଆମ କଥା କିଛି ମାନିବେନି ।

ଟିକେ ଶାସନ କର । ସେ ହସି ଦିଅନ୍ତି, କି ଶାସନ କରିବି, ଏମାନେ କଣ ଝିଅ ପିଲା ହେଇଛନ୍ତି କି, ଗୋଡେ ଗୋଡେ ଜଗିବି... ଯାହା କରୁଛନ୍ତି କରନ୍ତୁ ।

ଆମ ବୁଢ଼ା ବେଳର ଲାଠୀ ଏମାନେ । ଏଇ ମାନଙ୍କ ଭରସାରେ ଆମେ ରହିବା । ଆମେ ଏବେ ସେମାନଙ୍କର ସବୁ କଥା ପୂରଣ କଲେ, ସେମାନେ ବି ଆମର କଥା ଭଲରେ ବୁଝିବେ, ବୁଝିଲୁତ, ତୁ ତ ହୁଣ୍ଡୀଟା.... ଯମୁନା ମୁହଁ ଫୁଲେଇ କି ଚାଲିଯାଆନ୍ତି।

ଥରେ ପୁରୀ ଆସିଥିଲେ ସେ ସମସ୍ତଙ୍କୁ ସାଙ୍ଗରେ ନେଇ। ବଡଦାଣ୍ଡରେ ମଝିଆ ପୁଅ କାନ୍ଦିଲା ଖୁବ୍, କାହିଁକି ନା ନୂଆ ଯୋତା ପିନ୍ଧି ତା ଗୋଡରେ ଖଣ୍ଡିଆ ହେଇଯାଇଥିଲା, ଆଉ ସେ ଚାଲି ପାରୁନଥିଲା।

ସେ ସାଙ୍ଗେ ସାଙ୍ଗେ ତାକୁ ତାଙ୍କ କାନ୍ଧରେ ବସେଇଚାଲିଲେ। ଫେରିବା ବେଳକୁ ସାନ ପୁଅ କାନ୍ଧରେ ବସିକି ଆସିଲା ...। ସବୁ ପୁଅ ମାନେ ତାଙ୍କ କାନ୍ଧରେ ବସିଛନ୍ତି।

ହେଲେ ସମୟ କେତେବେଳେ ଯେ ବଦଳି ଗଲା, ସେ ଜାଣିପାରିଲେନି ।

ଚାରିପୁଅ, ଚାରିବୋହୂ ଆଉ ଚାରିଘରରେ ତାଙ୍କ ଘର ଭାଗ ହେଇଯାଇଛି ।

ସିଏ ବି ଭାଗ ହେଇଯାଇଛନ୍ତି । ପ୍ରତି ପୁଅ ଘରେ ଗୋଟିଏ ମାସ । ହେଲେ ବୁଢ଼ୀଟା ଭାଗ ହେଇପାରିନି। ତା ଭାଉଜର କଣ ବେମାରୀ ବାହାରିଲା ଯେ, ତା ଭାଇ ତାକୁ ନେଇ ଯାଇଛି। ଏବେ ସେ ସେଠି ରହିଛି ।

ଭାରି ମନ ହୁଏ ଯମୁନା ସହ କଥା ହେବାପାଇଁ । ହେଲେ ପୁଅ କି ବୋହୂ କେହି ତାଙ୍କ କଥା ଶୁଣନ୍ତିନି। କେବେ ଯଦି ସେପଟରୁ ଯମୁନା ଫୋନ୍ କରେ, ଏମାନେ ମିଛରେ କହିଦିଅନ୍ତି, ବାପା ଆର ଭାଇ ଘରକୁ ଯାଇଛନ୍ତି।

କାହିଁକି ଏମିତି ହେଲା...????

ଏ ପ୍ରଶ୍ନର ଉତ୍ତର ଖୋଜି ପାଆନ୍ତି ନାହିଁ ଘନଶ୍ୟାମ ।

ପଚସ୍ତରି ବର୍ଷ ହେଲାଣି। ଆଉ କେତେ ଦିନ ଏ ଜୀବନ...।

କରୋନା ଚାଲିଥିଲା ଯେ କେହି ଘରୁ ବାହାରୁନଥିଲେ ।

ଦୁଇ ବର୍ଷ ରଥକୁ କେହି ଆସିନଥିଲେ । ହେଲେ ଏବର୍ଷ ସର୍ବସାଧାରଣଙ୍କ ପାଇଁ କୌଣସି କଟକଣା ନାହିଁ ଜାଣିବା ପରେ, ରଥକୁ ଆସିବା ପାଇଁ ସବୁ ପୁଅ ମାନଙ୍କୁ କହିଲେ । ସମସ୍ତେ, କାମ ଅଛି କହି ତାଙ୍କୁ ପୁରୀ ଆସିବାକୁ ମନା କଲେ ।

ହେଲେ ଶେଷରେ ସେଇ ମଝିଆ ପୁଅ ରାଜି ହେଲା ଆସିବା ପାଇଁ। ଚାରି ଭାଇ ଘର ଭିତରକୁ ଯାଇ ଚୁପ୍ ଚୁପ୍ ହେଇ ଘଣ୍ଟାଏ ଯାଏ କଣ କଥା ହଉଥିଲେ, କେଜାଣି.... ବାହାରିଲା ପରେ ସମସ୍ତେ କହି କହି ଗଲେ, ଯାଅ ବାପା, ପୁରୀ ଯାଅ । ତୁମେ ତୀର୍ଥ କର ।

କେତେ ଖୁସି ସେ ହେଇଥିଲେ । ମନଟା ଯାହା ଖାଲି ଯମୁନା ପାଇଁ ଗୋଳେଇ ଘାଣ୍ଟି ହେଉଥିଲା । ପାଖରେ ଥିଲେ , ଦୁଇ ଜଣ ସାଙ୍ଗ ହେଇ ଆସିଥାନ୍ତେ । ହଉ ନ ଆସିଛି ଭଲ ହେଇଛି। ଏ ଖରା ବର୍ଷା ରେ କୁଆଡେ ବୁଲିଥାନ୍ତା।

ସେଇ ଦୋକାନ କୋଣରେ ବସି ରଥକୁ ଚାହିଁ ରହିଥିଲେ ଘନଶ୍ୟାମ, ଆଉ ଆଖିରୁ ଝରଝର ହେଇ ଲୁହ ଝରିଯାଉଥିଲା।

ପୁଅ କଣ ତାଙ୍କୁ ତୀର୍ଥ କରିବା କଥା କହି ଏଇ ଶ୍ରୀକ୍ଷେତ୍ରରେ ଛାଡି ଦେଇ ଚାଲିଗଲା କି...?

ବୟସ ହେଇଗଲା ପରେ ସତରେ କଣ ପିତାମାତା ପିଲାଙ୍କ ପାଇଁ ଅଲୋଡା ହେଇଯାଆନ୍ତି...?

କିଏ ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ ସୂଚନା କେନ୍ଦ୍ର ପାଖରେ ବସେଇ ଦେଇ ପୁଅ ଆଉ ତାଙ୍କ ନାଁ ଅଫିସରେ କହିଦେଇଥିଲେ । ରହି ରହି ମାଇକ୍‌ରେ ଭାସିଆସୁଥାଏ, ଛତ୍ରପୁରର ଅମୀର କୁମାର, ତୁମ ବାପା ଘନଶ୍ୟାମ ଜେନା ଏଇ ସୂଚନା କେନ୍ଦ୍ର ପାଖରେ ଅଛନ୍ତି, ତାଙ୍କୁ ଆସି ନେଇଯାଅ ....

ପୁଅ ଦେଇଥିବା ଦଶ ଟଙ୍କିଆ ନୋଟ୍‌କୁ ହାତରେ ଧରି ଶୁନ୍ୟକୁ ଚାହିଁ ବସିରହିଥିଲେ ଘନଶ୍ୟାମ ।

ଏକୁଟିଆ ବସିଥିବା ଘନଶ୍ୟାମଙ୍କ ପାଖରେ ଜୟଜଗନ୍ନାଥ ସେନାର କିଛି କର୍ମୀ ଭାଇନା ପହଞ୍ଚିଥିଲେ। ବୁଢ଼ା ମଉସାଙ୍କୁ ଏକା ବସି କାନ୍ଦୁଥିବା ଦେଖି ସେମାନେ ଘଟଣା ବୁଝିଯାଇଥିଲେ। ବଡଦାଣ୍ଡର ତ ଏ ନିତି ଦିନିଆ କାହାଣୀ....।

ସେମାନେ ମଉସାଙ୍କୁ ବୁଝାସୁଝା କରି ପାଖ ବୃଦ୍ଧାଶ୍ରମକୁ ନେବା ବେଳେ ରହି ରହି ମଉସା ମୋ ବାବୁରେ...., ମୋ ଧନରେ.... କୁଆଡେ ଗଲୁରେ...କହି କହି ଆଖି ପୋଛୁଥିଲେ ।

+ ଫକୀରମୋହନ ନଗର
ବାଲେଶ୍ୱର

## ହଷ୍ଟେଲର ପ୍ରଥମ ଶୀତ ରାତିରେ

ସୁନନ୍ଦା ମହାନ୍ତି



ସେଦିନ ହଷ୍ଟେଲରେ ପ୍ରଥମ ଦିନ ସୁବ୍ରତର, ବୁର୍ଲା ଇଂଜିନିୟରିଂ କଲେଜରେ ପ୍ରଥମ ଦିନର ପ୍ରଥମ ଶୀତ ରାତି, ସେ ଶେଷ ବର୍ଷର ଛାତ୍ର, କୌଣସିମତେ ହଷ୍ଟେଲରେ ସିଟ ମିଳିପାରିନଥିଲା, ବହୁ କଷ୍ଟରେ ଜାଣିବାକୁ ପାଇଥିଲା ଗୋଟିଏ ମାତ୍ର ରୁମ ସବା ଉପର କରିଡରର ଶେଷ ଆଡକୁ ଅଛି ହେଲେ ସେଠାରେ ରହିପାରିଲେ ହେଲା, ସୁବ୍ରତ କାରଣ କଣ ଜାଣିବା ପୁର୍ବରୁ କୌଣସି ନା କୌଣସି ମତେ ତାକୁ ରୁମଟି ମିଳିଯିବା ଦରକାର, ବାହାରେ ଯୋଉଠି ଭଡା କରି ରହିଥିଲା, ଚାରି ମାସ ହେଲାଣି ଘର ଭଡା ଦେଇପାରିନି, ପୁଣି ନିଜ କାମ ସବୁ ନିଜେ କରି ଖାଇବାରେ ସମୟ ଯାଏ, ଏବର୍ଷ ଶେଷ ବର୍ଷ, ପାଠ ନ ପଢିଲେ, ଭଲ ମାର୍କ ଆସିବ, କୁଆଡୁ, କପି ଟପି କରିବା ସପକ୍ଷରେ ନୁହେଁ ସେ, ତାକୁ ଯେମିତି ହେଲେ ହଷ୍ଟେଲରେ ଯାହା ଗଣ୍ଡେ ଖାଇ, ରୁମରେ ଶୋଇ ମନ ଦେଇ ପଢିବାକୁ ପଡିବ, ବାପା, ମାଆଙ୍କ ଆଶା ଓ ସ୍ୱପ୍ନକୁ ସାକାର କରିବାକୁ ପଡିବ।

ରୁମଟି ବିଷୟରେ କିଏ କେତେ କଥା କହୁଥିଲେ ବି ଖୁବ ପସନ୍ଦ ହେଲା ତାର, ସବା କଡ଼କୁ ଲାଗି ରୁମଟି ତ ନିଶ୍ଚୟ ପାଠ ପଢିବା ପାଇଁ ଉପଯୁକ୍ତ ହେବ, ସାଙ୍ଗ ମାନେ ନା ଆସିବେ ନା ସେ ଡିଷ୍ଟରବ ହେବ, ଛୋଟ ଛୋଟ ରୁମରେ ଦୁଇ ଚାରି ଜଣ ରହୁଥିବା ବେଳେ, ଏକୁଟିଆ ରୁମଟିଏ ମିଳିଯିବାରୁ ସୁବ୍ରତ ଖୁସିଥିଲା, ଝରକା ଦୁଆର ସବୁ ଠିକ ଠାକ ଥିଲା ତ ପ୍ରଥମ ରାତିରେ ସେ ଭୀଷଣ ଶୀତ ଯୋଗୁଁ ଘୋଡ଼ି ହୋଇ ଶୋଇଗଲା, ହେଲେ ଉଠିଲା ବେଳକୁ ରଜନୀଗନ୍ଧା ଫୁଲ ଦେଖି ସେ କିଛି ବୁଝି ପାରିଲାନି, ଓଳେଇ ନିଜେ ପଢା ପଢି ଓ କ୍ଲାସ କରିବା ଭିତରେ ସବୁ ଭୁଲିଗଲା, ହେଲେ କ୍ରମାଗତ ରଜନୀଗନ୍ଧା ଫୁଲ ଦେଖି ଚୌକିଦାର ମଉସାକୁ କହିବାରେ ସେ ଡରି ଡରି କହୁଥିଲା ଦେଖିଲ ବାବୁ, କେହି ଏଯାଏଁ ସେ ଘରେ ରହିପାରୁନଥିବା କଥା ଯେତେ କହିଲେବି ଆପଣ ଶୁଣିଲେ ନାହିଁ, କେତେ ପିଲା ଜୀବନ ଧରି ସେ ଘରୁ ଯାଇଛନ୍ତି, ଏ ଆଖି ଦେଖିଛି, କାହାକୁ କହିବନି ବାବୁ ଜଣେ ସେ ଘରେ ମରିଛି, ସେ ପ୍ରେତ ହୋଇ ରହିଛି ସେ ଘରେ, ହେ ଏମିତି କଣ କହୁଛ ମଉସା, ପ୍ରେତ ବୋଲି କିଛି ନାହିଁ, ହଉ ତମେ ଏକଥା କାହାକୁ କୁହନା, ଦେଖିବା କଣ ହେଉଛି।



ସେଦିନ ଶୀତ ରାତି ସାଙ୍ଗକୁ ଚୌକିଦାର ସୁର ମଉସାଙ୍କ କଥା, ସୁବ୍ରତକୁ ଟିକେ କେମିତି କେମିତି ଲାଗିଲେ ବି ଢେର ରାତି ଯାଏଁ ପାଠ ପଢି ଶୋଇପଡ଼ିଲା ସୁବ୍ରତ ଲାଇଟ ଲଗାଇ, ହେଲେ ଯୋଉ କଥାକୁ ସେଇକଥା, ତା ଖଟ ସାରା ରଜନୀଗନ୍ଧା ଫୁଲ, ଚମକି ପଡିଲା ସେ ସତରେ କଣ ପ୍ରେତ ଅଛି, ଏଘରେ, କହିବକି, ସୁପରିଟେଡେଣ୍ଟ ସାରଙ୍କୁ, ଯେ ସେ ତ ମନା କରୁଥିଲେ ପ୍ରଥମରୁ, ତ ସେଦିନ ସନ୍ଧ୍ୟା ବେଳୁ ଶୋଇ ରାତି ସାରା ଚେଇଁ ପାଠ ପଢିବ ବୋଲି ଭାବି ଲାଇଟ ଲଗାଇ ବସିଛି, ଦୁଇଟା ବାଜିବାକୁ ଅଳ୍ପ ବାକି ରଜନୀ ଗନ୍ଧା ମେଂଚାଏ ତା ଉପରେ ପଡିଲା, ଆଉ ଲାଟିନ ଆଡୁ ପାଉଁଜିର ଶବ୍ଦ, ସେ ଡରିଗଲେ ବି ଭାବିବାକୁ ଲାଗିଲା, ମଉସା ତ କହୁଥିଲେ ପ୍ରେତ ପୁଅର, ପୁଅ ପ୍ରେତ କଣ ପାଉଁଜି ପିନ୍ଧେ ! ଶୀତ ସାଙ୍ଗକୁ ଡର ପୁଣି ଭୂତ ପ୍ରେତର, ତ ଘୋଡ଼ି ହୋଇ ପୁଣି ଶୋଇଗଲା ସୁବ୍ରତ, ହେଲେ ମୁଁହ ଘୋଡ଼ି ନହୋଇ । ଆଉ ସକାଳୁ ବାଥ ରୁମ ଯାଇ ଦେଖିଲା, ସେପଟ କବାଟଟି ଅଳ୍ପ ଧକ୍କାରେ ଖୋଲି ଯାଉଛି, ବିନା ଶବ୍ଦରେ, ଆଉ ସେପଟକୁ ବାହାରି ପଡିଲେ ମଝି ବାଲକୋନୀ ପାହାଚ ତଳେ ସୁର ମଉସାଙ୍କ ପରିବାର, ଏତେ ଛୋଟ ଘରେ ଆଠ ପ୍ରାଣୀ କୁଟୁମ୍ବ କେମିତି ଚଳନ୍ତି ଭାବୁ ଭାବୁ କିଛି ଗୋଟିଏ ପାଦରେ ବାଜିଲା ତ ଗୋଟେଇ ଆଣି ଦେଖିଲା ବେଳକୁ ପଟେ ପାଉଁଜି, ପକେଟରେ ସେଇଟିକୁ ରଖି କବାଟ ଦେଇ ଲାଟିନ ଦେଇ ପୁଣି ବୁଲି ସେପଟେ ଯାଇ ମଉସା ମଉସା ଡାକି ସୁର ମଉସାଙ୍କୁ, ସବୁକଥା କହିବାକୁ ଭାବି ଯେ, ରବିବାର ଥାଏ, ମାଉସୀ ଲୁଣ ଗର୍ଗଲିଂ କରୁଥିଲେ, ଦୁଇ ପୁଅ, ଦୁଇ ବୋହୁ, ପୁଣି ନାତିଟିଏ ମଉସା ମାଉସୀ, ଆଉ କିଏ? ମଉସା ତ ନିଜେ କହୁଥିଲେ ଆଠ ଜଣ, ତ ଚା କପଟିଏ ଯିଏ ନେଇକି ଆସିଲା ସବା ସାନ ଝିଅ ମଉସାଙ୍କର, ତା ହାତରୁ ଚା ନେଇ ପି କି କପ ଫେରାଇବାକୁ ଯାଏ ତ ଝିଅଟି ବୁଲି ପଡିଲା ବେଳକୁ ତା'ର ଗୋଟିଏ ପାଦରେ ପାଉଁଜି ନଥିଲା ଆଉ ଆର ପାଦରେ ଥିବା ପାଉଁଜିଟି ପୁରା ପକେଟରେ ଥିବା ପାଉଁଜି ସହ ମିଶି ଯାଉଥିଲା, ଝିଅଟିର ହାତ ଭିଡ଼ିନେଇ ଝିଅଟିକୁ ସେଇପଟ ସିଡିରେ ଚଢି ସିଧା ଆସି ସୁବ୍ରତ ଲାଟିନ ପାଖେ, ଆଉ ଟିକେ ଠେଲି ଦେବାରୁ ଫିଟିଗଲା ଦୁଆର ବିନା ଶବ୍ଦରେ, ତ ସୁବ୍ରତକୁ ଆଉ ବୁଝିବାକୁ କିଛି ବାକି ନଥିଲା ଆଉ ଦୂରରୁ ରଜନୀଗନ୍ଧା ଗଛଟା ବି ହସୁଥିଲା, ଲାଟିନ ଭିତରୁ ଏପଟକୁ କାହିଁ ରଜନୀଗନ୍ଧା ଫୁଲ ପକାଇ ପୁଣି ଦୁଆର ଆଉଜି ଚାଲିଯାଉ, କହ ସତ? ସେତେବେଳକୁ ମଉସା ବି ଆସିଯାଇଥିଲେ, ବାପ ଝିଅ ଗୋଡ଼ ତଳେ ପଡି ଘର ନିଅଣ୍ଟ ଯୋଗୁଁ ସମସ୍ତଙ୍କୁ ଡରାଇ ଏ ଘରେ ଶୋଉଥିଲେ ବୋଲି ମାନିଥିଲେ ମଉସା। ଆଉ ଏମିତି ଭୁଲ କରିବେ ନାହିଁ, କାହାକୁ କୁହ ନାହିଁ ବାବୁ ମୋ ଦାନା ପାଣି ବନ୍ଦ ହେବ, ସୁବ୍ରତ ସବୁ ଜାଣି ବି କିଛି କହିନଥିଲା, ପରୀକ୍ଷା ପାଖ, ପଢିବାକୁ ହେବ, ଲାଟିନର ଦ୍ୱିତୀୟ ଦୁଆର ମଜଭୁତ କରି ଦେଇହେବାର ବ୍ୟବସ୍ଥା କରିଥିଲା ଯାହା। ଆଜି ଇଞ୍ଜିନିଅର ସୁବ୍ରତ ସେଦିନ ହଷ୍ଟେଲର ଶୀତ ରାତି କଥା ସବୁ କଥା ମନେ ପକାଇ ହସୁଥିଲେତ, ମିନାକ୍ଷୀ କାରଣ ପଚାରିଥିଲେ, ଛୋଟ ପୁଅ ମଧ୍ୟ, ମାଆ ସହ ଜିଦି କରୁଥିଲା କହିବାକୁ।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ଅଫେରା ଚିଠି

ସ୍ୱୀଟି ଦାସ





ପ୍ରିୟ ଗୌତମ, ତମେ ଭଲ ଅଛ ତ? ଆଶା କରେ ତମେ ସେଠାରେ ଭଲରେ ଥିବ। ଘରେ ବି ସମସ୍ତେ ଭଲରେ ଅଛନ୍ତି କିନ୍ତୁ ବାପାଙ୍କର ଟିକେ ଉଚ୍ଚ ରକ୍ତ ଚାପ ଯୋଗୁଁ ଦେହ ଅସୁସ୍ଥ ଅଛି କିନ୍ତୁ, ତମେ ଜମା ଚିନ୍ତା କରନି ମୁଁ ତାଙ୍କୁ ଠିକ ସମୟରେ ମେଡ଼ିସିନ ଦେଇଦେଉଛି। ଆଉ ତମ ଝିଅ ଶ୍ରେୟା ଏବେ ନୂଆଁ ନୂଆଁ ସ୍କୁଲ ଯାଉଛି । ସେ ତମକୁ ବହୁତ ମିସ କରୁଛି । ଆଉ ଜାଣିଛ, ଗାଁ, ସାଇପଡିଶା, ବାପା, ମାଆ, ଘର ପରିବାର ସମସ୍ତଙ୍କ ଛାତି ଆଜି ବି ଗର୍ବରେ ଫାଟି ପଡୁଛି, କାରଣ ତାଙ୍କ ପୁଅ ଦେଶ ପାଇଁ ସହିଦ ହୋଇଯାଇଛି । ହେଲେ ତମ ଝିଅର କାନ୍ଦିବା ସ୍ୱର ଏବେବି ତା ରୁମରୁ ଶୁଣାଯାଉଛି, ଚେଷ୍ଟା କରୁଛି ତାକୁ ବୁଝେଇବା ପାଇଁ ହେଲେ ସେ କଣ ବୁଝିବ! ପାପା କେବେ ଆସିବେ ବୋଲି ଧରି ଜିଦ୍ ଧରି ବସିଛି ...... । ମୁଁ ତାକୁ କହିଦେଇଛି ତୋ ବାବା ତୋ ମାଆ ପରି ଆଉ ଜଣେ ମାଆର ସେବାରେ ଯାଇଛନ୍ତି ଆଉ ସେ ହେଉଛନ୍ତି ଭାରତ ମାଆ ...।

ତମେ ଠିକ କହୁଥିଲ ବୟସ ବଢିବା ସହ ତା ଜିଦ୍ ଧୀରେ ଧୀରେ ବଢିବାକୁ ଲାଗୁଛି । ଘରେ ତ ସମସ୍ତଙ୍କ ନଜର ତମ ସମ୍ପତ୍ତି ଉପରେ। ତମ ନିଜ ଭାଇ ବି ଭାଗବଣ୍ଟା କଥା ଉଠେଇ ସାରିଲେଣି। ଆଉ ସରକାରଙ୍କଠୁ ମିଳିଥିବା ଅନୁଦାନକୁ ମଧ୍ୟ ସେମାନେ ଘର ଖର୍ଚ୍ଚରେ ଲଗେଇ ସାରିଲେଣି ।

ମାଆ ବି ସେମାନଙ୍କ ସପକ୍ଷ ନେଇ ମୋତେ ନିର୍ଯାତନା ଦେବାରେ ଲାଗିଛନ୍ତି । ତମେ ଚାଲିଯିବାର ସାମାନ୍ୟ ଦୁଃଖ ମୋତେ କାହା ଆଖିରେ ଦେଖିବାକୁ ମିଳୁନାହିଁ । ଯେଉଁ ଭଲ ପାଇବା ଓ ଆନ୍ତରିକତାରେ ଏ ପରିବାର ଦିନେ ଗଢି ଉଠିଥିଲା ତାହା ଏବେ ଦୁର୍ବିସହ ହେବାରେ ଲାଗିଲାଣି । ମୋ ନିଜ ବାପାମାଆ ବି ଏଥିରୁ ବାଦ୍ ପଡ଼ିନାହାଁନ୍ତି ।

ସେମାନେ ମୋତେ ଦ୍ୱିତୀୟ ବିବାହ କରିବାକୁ ବାଧ କରୁଛନ୍ତି । ତମେ ନିଜେ କୁହ ଜଣଙ୍କ ମଥାରେ ହୁଏତ ଆଉ ଥରେ ସିନ୍ଦୁର ଭରାଯାଇପାରେ କିନ୍ତୁ ଖୁସି କଣ ଆଉ ଥରେ ଭରା ଯାଇପାରେ ?

ଏବେ ତ ମୁଁ ସମସ୍ତଙ୍କ ପାଇଁ ବୋଝ ହୋଇଯାଇଛି ନା ! ସମସ୍ତଙ୍କ ଅନ୍ୟାୟ ଅତ୍ୟାଚାର ମୁଁ ଆଉ ସହିପାରୁନି ଗୌତମ ! କିନ୍ତୁ ତମେ ମୋର ପାଇଁ ଜମା ବି ଚିନ୍ତା କରନି, ତମେ ମୋର ପାଖରେ ନ ଥିଲ ତ କଣ ହେଲା

ତମ ଶେଷ ସନ୍ତକ ଶ୍ରେୟା ତ ଅଛି ନା । ତାର ସେହି ନିରୀହ ମୁହଁ ତାକୁ ଦେଖି ମୁଁ ସବୁ କିଛି ଭୁଲିଯାଉଛି । ଘରୋଇ ଜଂଜାଳରୁ ଟିକେ ମୁକ୍ତି ପାଇବା ପାଇଁ ଆଜି ଟିକେ ପାର୍କ ଆଡେ ବୁଲି ଯାଇଥିଲି କିନ୍ତୁ ପାର୍କର ଯେମିତି ପ୍ରତେକ ଗଛ, ଲତା, କୋଣ ଅନୁକୋଣ ଆମର ସେହି ପୁରୁଣା ସ୍ମୃତିକୁ ମନେ ପକେଇବା ପାଇଁ ମୋତେ ବାଧ କରୁଥିଲା । ପାର୍କର ସେହି ବର ଗଛ ତଳେ ଆମେ କେତେ ଯେ ସ୍ମୃତି ସାଉଁଟି ଥିଲେ, ତାହା ଆଜି ମୋର ମନେ ପଡିଯାଉଛି। ମୁଁ ଯେବେ କିଛି ସମୟ ପାଇଁ କଥାବାର୍ତ୍ତା ବନ୍ଦ କରି ଦେଉଥିଲି ତମେ କୁହ :- ରାଗିଛ କି ?

ସେ ଦିନର ସେ କଥା ଆଜି ବି ମନେ ପଡିଯାଉଛି । ଇଚ୍ଛା ତ ହେଉଛି ପୁଣି ରଷିବାକୁ, କିନ୍ତୁ ରଷିଲେ କଣ ହବ ? କୋହ କେବଳ ହୃଦୟରେ ଜମାଟ ବାନ୍ଧିବ ସିନା ହେଲେ ଏ ଅଭିମାନକୁ କିଏ ବୁଝିବ.....?

ମୁଁ ଯେତେବେଳେ ପାର୍କରୁ ଫେରି ବସ ଷ୍ଟାଣ୍ଡ ଆଡେ ଗଲି ଅଦିନିଆ ମେଘଟା କଉଠି ଥିଲା କେଜାଣି ହଠାତ ମାଡିଆସିଲା । ତମର ମନେ ଅଛିନା ଠିକ ଏହି ବସ ଷ୍ଟାଣ୍ଡରେ ସେ ଦିନ ମେଘଟା ମାଡି ଆସିଥିଲା । ମୁଁ ବ୍ୟସ୍ତ ହୋଇପଡୁଥିବା ବେଳେ ତୁମେ ବେଫିକର ଭାବେ ବର୍ଷାକୁ ଅଶେଷ ଧନ୍ୟବାଦ ଦେଇଥିଲ। ମୁଁ କିନ୍ତୁ ଚିଡି ଯାଇ କହିଥିଲି :- **just stop it** !

ମୋ ବ୍ୟସ୍ତତା ଦେଖି ତୁମେ କହିଲ :-

ବର୍ଷା ବି ଚାହୁଁଛି ବୋଧେ ଆମେ ଅଧିକ ସମୟ ବିତାଉ । ମୁଁ ବି କିଛି ସମୟ ଠିଆ ହୋଇ ରହିଲି ତମ ସହ। ବାହାରେ ବର୍ଷାର ଗର୍ଜନ କିନ୍ତୁ ଆମ ଦୁହିଁଙ୍କ ଭିତରେ ପ୍ରଚଣ୍ଡ ନୀରବତା। ପ୍ରକୃତି ଓ ଆମ ଭିତରର ନୀରବତା ଭିତରେ ତମେ ଜାବୁଡି ଧରିଲ ମୋର ହାତକୁ... । କେଜାଣି କାହିଁକି ସେ ଦିନ ମୁଁ ପ୍ରତିବାଦ କରିପାରିଲିନି। ସେଦିନର ସେହି ଅଦିନିଆ ବର୍ଷା ଓ ଅତୀତର ସ୍ମୃତି ମୋର ଆଜି ବାରମ୍ବାର ଭିଜିବା ପାଇଁ ବାଧ କରୁଛି......

ଆଉ ଗାଇ ଉଠୁଛି :-

ଅଦିନିଆ ମେଘର ସେ ଶୁନ୍ୟତାର ଧରା
ଅତୀତର ପୃଷ୍ଠାକୁ ଭିଜେଇ
ମନକୁ କରେ ନିଆରା।
ତମର ସେ ମର୍ମସ୍ପର୍ଶୀ ଛିଟା
ହୃଦୟରେ ଭରିଦିଏ ମହକ,
ଅଫେରା ସ୍ମୃତିକୁ ସାଉଁଟି
ମନରେ ଖେଳାଇ
ତାକୁ କରେ ଭାବୁକ... ।

ଆମେ ଯାଇଥିବା ପ୍ରତେକଟି ସ୍ଥାନରେ ମୁଁ ଆଜି ତମକୁ ପାଗଳଙ୍କ ପରି ଖୋଜି ବୁଲୁଛି । ହେଲେ ସମୟ ସହ ତ ଆଜି ସବୁ କିଛି ବଦଳି ଯାଇଛି..... ।

କିଛି ଦିନ ହେଲା ତମେ କାହିଁକି ଯେ ମୋ ସ୍ୱପ୍ନ ରେ ଆସୁନାହଁ ମୁଁ ବୁଝିପାରୁନି । ତମେ କଣ ମୋ ଉପରେ ରାଗିଛ? ଘରୁ ଯୁଦ୍ଧ କ୍ଷେତ୍ରକୁ ଗଲା ବେଳେ ତମର ସେହି ଶେଷ ଅଲିଙ୍ଘଂନ ଆଜି ବି ମୋର ମନେ ଅଛି ।

ଶ୍ରେୟାର ଦାୟିତ୍ୱ ତୁଲାଇ ମୁଁ ନିଶ୍ଚିତ ତମ ପାଖକୁ ଯିବ । ଆଉ ହଁ ସ୍ୱର୍ଗର କେଉଁ ଉର୍ବଶୀ, ରମ୍ଭା, ମେନକାଙ୍କ ପ୍ରେମରେ ପଡିବନି। ସେତେଦିନ ଯାଏଁ ମୋ ଅପେକ୍ଷାରେ ଥିବ ।

ଶେଷ କଥା ମୋର କେଇ ପଦ ପଢିବ

ଫେରି ନ ଆସି ପରିବ ଯଦି ଚିଠିଟିକୁ ଜଳାଇ ଦେବ ।

ଆଉ ତାରି ପାଉଁଶକୁ ମୋର ଅସ୍ତି ଭାବି ଦେଶର ଗଙ୍ଗାରେ ଭସାଇ ଦବ ।

ଇତି ତମ
ସ୍ୱପ୍ନା........

+ ସୋର, ବାଲେଶ୍ୱର

# ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି କାଉଡିଆଗୁଡା ବିଦ୍ୟାଳୟ: ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ଜୟପୁର, ୧୯/୦୭ (ନି.ପ୍ର): କୋରାପୁଟ ଜିଲାରେ ଜଣେ ମାତ୍ର ଶିକ୍ଷକରେ ଚାଲିଛି ବିଦ୍ୟାଳୟ । ବାହାର ଜିଲାର ଶିକ୍ଷକ ଶିକ୍ଷୟତ୍ରି ନିଯୁକ୍ତି ପାଉଛନ୍ତି । ବର୍ଷେ କି ଦୁଇ ବର୍ଷ ରହି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ନିଜ ଜିଲାକୁ ଚାଲିଯାଉଛନ୍ତି । ବିଗତ ଦିନରେ ଏହାକୁ ବିରୋଧ କରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସରକାରଙ୍କ ଉପରେ ବର୍ଷିଥିଲେ । ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି । ହେଲେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ କାଉଡିଆଗୁଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ସମସ୍ୟାର ସମାଧାନ ହୋଇ ପାରୁନାହିଁ । କୁନ୍ଦୁରା ସଦର ମହକୁମା ସ୍ଥିତ ବିଇଓ ଅଫିସ ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଏହି ସ୍କୁଲ୍ ରେ ଶିଶୁ ବାଟିକାରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । କିନ୍ତୁ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଅଛନ୍ତି ମାତ୍ର ଜଣେ ଶିକ୍ଷକ । ପୁଣି ତାଙ୍କୁ ବିଏଲଓ ଦାୟିତ୍ୱ ଦିଆଯାଇଛି । ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ଏହି ବିଦ୍ୟାଳୟରେ ତାଙ୍କ ସହ ଜଣେ ଶିକ୍ଷୟିତ୍ରୀ ସୁଶୀଳା ପାଣିଗ୍ରାହୀ କାର୍ଯ୍ୟରତ ଥିଲେ । ପ୍ରାୟ ଦୁଇ ମାସ ତଳେ ସେ ଶିକ୍ଷୟିତ୍ରୀଙ୍କ ଅବସର ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ଜଣେ ଶିକ୍ଷକ ସମସ୍ତ ଶ୍ରେଣୀର ପାଠପଢ଼ା ସହ ଅଫିସ କାମ, ମଧ୍ୟାହ୍ନ ଭୋଜନ ତଦାରଖ ଏବଂ ଅନ୍ୟାନ୍ୟ ଦାୟିତ୍ୱ ତୁଲାଉଛନ୍ତି । ଏନେଇ ଗ୍ରାମବାସୀ ବିଇଓଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ବିଶେଷ କରି ଶିକ୍ଷକ ଶ୍ରୀ ପ୍ରଧାନଙ୍କୁ କାଳିଆକାଦର ବିଏଲଓ ଦାଇତ୍ୱ ପ୍ରଦାନ କରାଯାଇଥିବା ବେଳେ ସେ କାଳିଆକାଦ ସମେତ ବନୁଗୁଡା, ମଜୁରୁଗୁଲା ଏବଂ କଦମଗୁଡାରେ ଥିବା ପ୍ରାୟ ୭୧୦ ଭୋଟରଙ୍କ ଏସଆଇଆର ଭଳି ଗୁରିତ୍ୱପୂର୍ଣ୍ଣ ସର୍ଭେ କରୁଛନ୍ତି । ଏଥିସହ ବିଦ୍ୟାଳୟରେ ପାଠପଢ଼ାରେ ବାଧାପ୍ରାପ୍ତ ହେଉଥିବା ବେଳେ ଅଫିସ କାମ, ମଧ୍ୟାହ୍ନ ଭୋଜନ ଭଳି ଅନ୍ୟାନ୍ୟ ଦାୟିତ୍ୱ ତୁଲାଇବା କଷ୍ଟସାଧ ହୋଇପଡିଛି କ୍ଷ ଏଣୁ ସ୍ଥାନୀୟ ୱାର୍ଡମେମ୍ବର ନବୀନା ନାୟକ, ପୂର୍ବତନ ସରପଂଚ ମହେଶ୍ୱର ପେଣ୍ଟିଆ, ଗ୍ରାମବାସୀ ଡମ୍ବୁ ପେଣ୍ଟିଆ ପ୍ରମୁଖ କାଉଡିଆଗୁଡା ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବୀ କରିଛନ୍ତି । ନଚେତ୍ ଅଗାମି ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ୬୬ତମ ରାଜ୍ୟ ସବ ଜୁନିଅର ଏବଂ ଜୁନିଅର ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗୀରରୁ ୧୯ ଖେଳାଳୀ ମନୋନୀତ

ବଲାଙ୍ଗୀର, ୧୯/୦୭ (ନି.ପ୍ର): ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ସନ୍ତରଣ ଗାରରେ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୯ଜଣ ଖେଳାଳି ୬୬ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ୨୦ରୁ ୨୨ ଜୁଲାଇ ଯାଏ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସନ୍ତରଣଗାରରେ ୬୬ତମ ରାଜ୍ୟ ସବ ଜୁନିଅର ଏବଂ ଜୁନିଅର ସନ୍ତରଣ ପ୍ରତିଯୋଗିତାରେ ଅନୁଷ୍ଠିତ ହେବ । ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପରାଶର ବାଗ ଏବଂ ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ଶ୍ରୀଯୁକ୍ତ ସୁମିତ ରଞ୍ଜନ ପୁରୋହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଜିଲ୍ଲା ପାଇଁ ଗୌରବ ଆଣିବ ବୋଲି କହିଥିଲେ । କୋଚ ଭାବରେ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ଶୈଳେନ୍ଦ୍ରି ବର୍ଗତି, ସୀମା ରାଉତ ତରୁଣ ସେଠ, ଦେବୀଦତ ଘିବେଲା ମ୍ୟାନେଜେର ଭାବରେ ପୂର୍ଣ୍ଣ ଚନ୍ଦ୍ର ବିଶି ଉପସ୍ଥିତ ଥିଲେ । ଖେଳାଳି ଦୟା ସାଗର କଠାର, ସୋମନାଥ ପୁଟେଲ, ଆୟୁଷ ରଞ୍ଜନ ଭୁକ୍ତା, ପ୍ରିୟାଂଶୁ ପ୍ରିତମ ପୁରୋହିତ, ସ୍ୱାଗତ ସେଠ, ସମ୍ରାଟ ଗଡତିଆ, ଶ୍ରାବଣ କୁମାର ସେଠ, ମାଣିକେଶ ନାଏକ, ଆଦ୍ୟାଂଶ ପଣ୍ଡା, ରବୀନ୍ଦ୍ର ବେହେରା ,ରାଜକୁମାର ସେଠି ,ରାଜଦୀପ ଶାଣ୍ଡ, ଶକ୍ତିରାଜ ଗଡତିଆ, ଅକ୍ଷିତା ରାଣୀ ସାହୁ, ନୀଳାଦ୍ରି ସାହୁ, ସୌରଭ ପୁଟେଲ, ପ୍ରେମ ପ୍ରକାଶ ପ୍ରଧାନ, ଡୋଲାମଣୀ ଗଡତିଆ, ସୌମ୍ୟ ରଞ୍ଜନ ବିଶ୍ୱାଳ ।

# ଲୋଇସିଂହା ଏନ୍‌ଏସି ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ

ବଲାଙ୍ଗିର, ୧୯/୦୭ (ନି.ପ୍ର): ଲୋଇସିଂହା ଏନ୍‌ଏସି ସୀମା ନିର୍ଦ୍ଧାରଣ ତଥା ୱାର୍ଡ ସଂରକ୍ଷଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୫ ମାସ ପରେ ଅଧ୍ୟକ୍ଷ ପଦ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକା ଅନୁଯାୟୀ ନବ ଗଠିତ ଲୋଇସିଂହା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି । ଏହି ଏନ୍‌ଏସିର ପ୍ରଥମ ଅଧ୍ୟକ୍ଷ ଭାବେ ଅଂଚଳବାସୀ ଜଣେ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତିଙ୍କୁ ଦେଖିବାକୁ ପାଇବେ । ସୂଚନା ମତେ, ଲୋଇସିଂହା ଏବଂ ବୁର୍ଡା ପଂଚାୟତ ତଥା ହୀରାପୁର ପଂଚାୟତର ପନେସରା, ସାରସମୁଣ୍ଡା ଓ ସେମେଲମୁଣ୍ଡା ଗ୍ରାମକୁ ନେଇ ନୂତନ ଏନ୍‌ଏସି ଗଠିତ ହୋଇଛି । ୨୦୧୧ ଜନଗଣନା ଅନୁଯାୟୀ ପ୍ରସ୍ତାବିତ ଏହି ଏନ୍‌ଏସିର ମୋଟ ଜନସଂଖ୍ୟା ୧୪,୩୮୧ ଥିବାବେଳେ ଭୋଟର ସଂଖ୍ୟା ୧୧,୩୧୪ । ଏଥିପାଇଁ ୧୪ଟି ୱାର୍ଡର ପରିକଳ୍ପନା କରାଯାଇଛି । ତନ୍ମଧ୍ୟରୁ ୫ ଟି ଆସନ ସଂରକ୍ଷିତ, ୪ଟି ଆସନ ମହିଳା ଓ ୫ଟି ଆସନ ଅଣ ସଂରକ୍ଷିତ ରହିଛି । ଏନ୍‌ଏସି ଅଧ୍ୟକ୍ଷ ପଦବୀ ସଂରକ୍ଷଣ ନେଇ କୌଣସି ଆପତି ଅଭିଯୋଗ ଥିଲେ ଜୁଲାଇ ମାସ ଶେଷ ସୁଦ୍ଧା ଲିଖିତ ଅଭିଯୋଗ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

# ବାଲ୍ୟ ବିବାହ ମୁକ୍ତ ମାଲକାନଗିରି ପାଇଁ ପ୍ରଶାସନର ବଡ଼ ପଦକ୍ଷେପ: ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ ଖସଡ଼ା (୨୦୨୬-୨୦୨୯) ଉନ୍ମୋଚିତ

ମାଲକାନଗିରି , ୧୯/୦୭ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ତାଲିମ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଚିନ୍ତିତ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲ୍ଲାରୁ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଏକ ଦୀର୍ଘକାଳୀନ ରଣନୀତି 'ଜିଲ୍ଲା ଏକ୍ସନ୍ ପ୍ଲାନ୍ (ଡ୍ରାପ୍ ୨୦୨୬-୨୦୨୯)' ପୁସ୍ତିକାକୁ ଉପସ୍ଥିତ ଅତିଥିମାନେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୂର୍ଯୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା, ୟୁନିସେଫର ରିସୋର୍ସ ପର୍ସନ ଘାସିରାମ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ରଣସିଂ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ମୁଖ୍ୟ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ ଏବଂ ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ । ଏହି ବିଶେଷ କାର୍ଯ୍ୟକ୍ରମରେ ୟୁନିସେଫର ରିସୋର୍ସ ପର୍ସନ ଘାସିରାମ ପଣ୍ଡା ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଅଧିକାରୀମାନଙ୍କୁ କାର୍ଯ୍ୟାନ୍ୱୟନ ରଣନୀତି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିଜର ଏକ ସ୍ୱତନ୍ତ୍ର ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ, ବାଲ୍ୟ ବିବାହ କେବଳ ଆଇନଗତ ଅପରାଧ ନୁହେଁ, ବରଂ ଏହା ଶିଶୁ ସୁରକ୍ଷା, ମାନବିକ ଅଧିକାର ଓ ସମାଜର ପ୍ରଗତି ପଥରେ ଏକ ବଡ଼ ପ୍ରତିବନ୍ଧକ । ମାଲକାନଗିରିକୁ ଏକ ପ୍ରଗତିଶୀଳ ଏବଂ ବାଲ୍ୟ ବିବାହ ମୁକ୍ତ ଜିଲ୍ଲାରେ ପରିଣତ କରିବା ପ୍ରଶାସନର ପ୍ରାଥମିକ ସଂକଳ୍ପ । ନୂତନ ଜିଲ୍ଲା ଏକ୍ସନ୍ ପ୍ଲାନ୍ ର ସଫଳ ରୂପାୟନ ମାଧ୍ୟମରେ ପ୍ରତ୍ୟେକ କିଶୋରୀର ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଧିକାରକୁ ସୁରକ୍ଷିତ କରିବାକୁ ବଦ୍ଧପରିକର ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ମିଳିତ ଭାବେ ମତବ୍ୟକ୍ତ କରିଥିଲେ ଯେ, ମାଲକାନଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ପାରମ୍ପରିକ ଚିନ୍ତାଧାରାର ପରିବର୍ତ୍ତନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରହିବା ଜରୁରୀ । ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ କେବଳ ଆଇନ ବଳରେ ନୁହେଁ, ବରଂ ଶିକ୍ଷାର ବ୍ୟାପକ ପ୍ରସାର ଏବଂ ପ୍ରତ୍ୟେକ ସ୍ତରରେ ମିଳିତ ସହଯୋଗ ଦ୍ୱାରା ହିଁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରାଯାଇପାରିବ । ଶିଶୁ କନ୍ୟା ମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ ଓ ସମାଜ ମଙ୍ଗଳ ବିଭାଗ ଏକ ଦଳଗତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେମାନେ ଆହ୍ୱାନ ଦେଇଛନ୍ତି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ନିଜ ବକ୍ତବ୍ୟରେ କହିଛନ୍ତି ଯେ, ତୃଣମୂଳ ସ୍ତରରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ସ୍ଥାନୀୟ କମିଟି ମାଧ୍ୟମରେ ସଚେତନତାକୁ ଅଧିକ ବ୍ୟାପକ କରାଯିବ ଏବଂ ବାଲ୍ୟ ବିବାହର ସୂଚନା ମିଳିବା ମାତ୍ରେ ତୁରନ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ । ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଭିଭାବକ, ସ୍ଥାନୀୟ ପ୍ରତିନିଧି, ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ବିଶେଷ ନିବେଦନ କରାଯାଇଛି ଯେ, ୧୮ ବର୍ଷରୁ କମ୍ କନ୍ୟା ଏବଂ ୨୧ ବର୍ଷରୁ କମ୍ ପୁଅର ବିବାହ ଏକ ଗୁରୁତର ଆଇନଗତ ଅପରାଧ ଅଟେ । ନିଜ ପିଲାମାନଙ୍କୁ ବାଲ୍ୟ ବିବାହର କୁପରିଣାମରୁ ରକ୍ଷା କରି ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ଯଦି କେଉଁଠି ବାଲ୍ୟ ବିବାହ ହେବାର ସୂଚନା ମିଳେ, ତେବେ ତୁରନ୍ତ ପ୍ରଶାସନ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ରେ ଜଣାଇବାକୁ କୁହାଯାଇଛି, ଯେଉଁଥିରେ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଏହି ସାମାଜିକ ସଂସ୍କାର ଅଭିଯାନକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି ।

# ଜେଲ୍ ଭିତରେ ଦୁଇ କଏଦୀଙ୍କ ଶୁଭ ବିବାହ

ଜୟପୁର, ୧୯/୦୭ (ନି.ପ୍ର): ଜେଲ୍ ଭିତରେ ବାଜିଲା ସାହାନାଇ । କାରାଗାର ପାଲଟିଲା ବିବାହ ମଣ୍ଡପ । ଆଇନଗତ ଅନୁମତି ଓ ଜେଲ୍ ପ୍ରଶାସନଙ୍କ ଉପସ୍ଥିତିରେ ବିବାହ ବନ୍ଧନରେ ଆବଦ୍ଧ ହେଲେ ଦୁଇ କଏଦୀ । ଜେଲ୍ ପରିସରରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି । ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ଅନୁମତି ପରେ କାରାଗାର ଭିତରେ ଦୁଇ କଏଦୀଙ୍କ ବିବାହ ସମ୍ପନ୍ନ ହୋଇଛି । ଜେଲର ସନ୍ତୋଷ ପଟ୍ଟନାୟକ ଓ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ତତ୍ତ୍ୱାବଧାନରେ ପରିବାର ସଦସ୍ୟ ଓ କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ବିବାହର ସମସ୍ତ ରୀତିନୀତି ପାଳନ କରାଯାଇଥିଲା । ବର ଓ କନ୍ୟା ପରସ୍ପରକୁ ବରମାଳା ପିନ୍ଧାଇବା ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏହି ବିବାହକୁ ନେଇ କାରାଗାରରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଫୁଲବାଣୀ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଜିଲ୍ଲା ସମ୍ମିଳନୀ

କନ୍ଧମାଳ, ୧୯/୦୭ (ନି.ପ୍ର): ଫୁଲବାଣୀ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଜିଲ୍ଲା ସମ୍ମିଳନୀ ବା ଅସ୍ପୃହା ମଣ୍ଡଳ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ୧୮ ଜୁଲାଇରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ସେହିପରି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାର ପ୍ରାୟ ପ୍ରତ୍ୟେକ ବ୍ଲକ୍ ରୁ କର୍ମୀ ଓ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ କ୍ଷ ଫୁଲବାଣୀ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠାନର ପରିଚାଳକ ହେମନ୍ତ କୁମାର ପଟ୍ଟନାୟକ ତଥା ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ସୁବୁଦ୍ଧି, ପ୍ରକାଶ କୁମାର ଆଚାର୍ଯ୍ୟ, ଆଶା ଅପା, ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । ସେହିପରି ରାଜ୍ୟ ସ୍ତରୀୟ ପଦାଧିକାରୀଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ଦାଶ, ସରୋଜ କୁମାର ପଟ୍ଟନାୟକ, ଲଲାଟେନ୍ଦୁ ସାମନ୍ତ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସମ୍ପର୍କିତ ଅନେକ ଆଧ୍ୟାତ୍ମିକ ସାହିତ୍ୟ, ଉପକରଣ ଓ ସୁଗନ୍ଧିତ ଧୂପକାଠି ଆଦିର ବିପଣି ଖୋଲା ଯାଇଥିଲା ।

# ସୋଢ଼ାମାଲରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଦାବି: ବିଇଓଙ୍କୁ ଦାବିପତ୍ର ପ୍ରଦାନ

ଝାରସୁଗୁଡ଼ା, ୧୯/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଢ଼ାମାଲ ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଦାବି କରି ଗ୍ରାମବାସୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଶନିବାର କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସରକାରଙ୍କ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ନିଷ୍ପତି ହୋଇଥିବା ବେଳେ ଏହା ପାଇଁ ଉପଯୁକ୍ତ ସ୍ଥାନ ଓ ଜମିର ଆବଶ୍ୟକତା ରହିଛି । ସୋଢ଼ାମାଲ ଗ୍ରାମରେ ବିଦ୍ୟାଳୟ ଗୃହ ଓ ଖେଳପଡ଼ିଆ ନିର୍ମାଣ ପାଇଁ ଖାତା ନମ୍ବର-୫୦ ଅନ୍ତର୍ଗତ ପ୍ଲଟ୍ ନମ୍ବର-୧୬୬୨, ୫୫୫ ଓ ୧୬୭୯ରେ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ରହିଛି । ସମ୍ପୃକ୍ତ ପଟ୍ଟାର ମନ୍ତବ୍ୟରେ ମଧ୍ୟ ଏହି ଜମି ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ଥିବାରୁ ଏଠାରେ ବିଦ୍ୟାଳୟ ସ୍ଥାପନ କରିବା ସବୁଦୃଷ୍ଟିରୁ ଉପଯୁକ୍ତ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି । ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ଗ୍ରାମରେ ଥିବା ପୁରୁଣା ବିଦ୍ୟାଳୟ କୋଠା ବର୍ତମାନ ଜରାଜୀର୍ଣ୍ଣ ଓ ବିପଦଜନକ ଅବସ୍ଥାରେ ରହିଛି । ଏଣୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା ଅନ୍ତର୍ଗତ ନୂତନ ସ୍ଥାନରେ ଆଧୁନିକ ଭିତିଭୂମି ସହ ବିଦ୍ୟାଳୟ ନିର୍ମାଣ କରାଗଲେ ସ୍ଥାନୀୟ ଅଂଚଳର ଶିଶୁମାନେ ଉନ୍ନତ ଶିକ୍ଷା ସୁବିଧା ପାଇପାରିବେ । ସୋଢ଼ାମାଲ ଗ୍ରାମ ପଂଚାୟତର ସରପଂଚ ଚନ୍ଦନ ପଟ୍ଟନାୟକ, ସମିତି ସଭ୍ୟା ନୀଲେନ୍ଦ୍ରୀ କାଲୋ, ୱାର୍ଡ ସଦସ୍ୟ ରୂପଧର ପରୁଆ ଓ ସାମଲ ନାଏକଙ୍କ ନେତୃତ୍ୱରେ ସଞ୍ଜିବ ବାହୁକ, ଗୁରୁଚରଣ ନାଏକଙ୍କ ସମେତ ବହୁ ଗ୍ରାମବାସୀ କୋଲାବିରା ବିଇଓ କାର୍ଯ୍ୟାଳୟରେ ପହଂଚି ଥିଲେ ।

# ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ ଏବଂ ଜାତୀୟ ଉଦ୍ୟାନ କୃଷି ମିଶନ ଅଧୀନରେ ଅନ୍ତରାଜ୍ୟ ଚାଷୀମାନଙ୍କ ପାଇଁ ଦିନିକିଆ ତାଲିମ କାର୍ଯ୍ୟକ୍ରମ

ଜୟପୁର, ୧୯/୦୭ (ନି.ପ୍ର): ଜୟପୁର ସ୍ଥିତ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଠାରେ ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ ଏବଂ ଜାତୀୟ ଉଦ୍ୟାନ କୃଷି ମିଶନ ଅଧୀନରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ଡାବୁଗାଁ, କୋଷାଗୁମୁଡା ଓ ପାପଡାହାଣ୍ଡି ବ୍ଲକରୁ ୯୦ ଜଣ ଚାଷୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଇଏଁଡ, ଶ୍ରୀ ରବି ଶଙ୍କର ପଣ୍ଡା, ଡାବୁଗାଁ, ସୁନୀଲ କୁମାର ସାହୁ- କୁନ୍ଦ୍ରା ଏବଂ ସୁଦୀପ୍ତ ସୌରଭ ସାହୁ ଉପସ୍ଥିତ ରହି ଚାଷୀ ମାନଙ୍କୁ ବିଭିନ୍ନ ପନିପରିବା ଚାଷ, ଫଳ ଚାଷ ଉପରେ ପ୍ରାଞ୍ଜଳ ଭାବରେ ବୁଝାଇବା ସହ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ତରଫରୁ ମିଳୁଥିବା ଯୋଜନା ବିଷୟରେ ବୁଝାଇଥିଲେ । ସେହିଭଳି ଅନେକ ଚାଷୀ ଫଳ ବୃକ୍ଷରୋପଣ କଲେ ତାହା କିଭଳି ଜୀବନ ଜୀବିକାରେ ସହାୟକ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ । ପରବର୍ତୀ ମୁହୁର୍ତରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ରାସାୟନିକ ସାର କବଳରୁ ଜମିକୁ ବଂଚାଇବା ପାଇଁ ବିଭିନ୍ନ ପ୍ରକାର ଜୈବିକ ସାର ଚାଷୀ ମାନେ ନିଜେ କିଭଳି ପ୍ରସ୍ତୁତ କରି ଜମିରେ ପ୍ରୟୋଗ କରି ଜମିର ଉର୍ବରତା ପୁନର୍ବାର ଫେରାଇ ଆଣି ପାରିବା ସହ ଭଲ ଅମଳ ପାଇ ପାରିବା ବୁଝାଇଥିଲେ । ପରେ ପ୍ରତାପ ଚନ୍ଦ୍ର ଜେନା ଏବଂ କୃତିବାସ ରାଉତ ମାଣ୍ଡିଆ ଚାଷ ଏବଂ ସମନ୍ୱିତ କୃଷି ପ୍ରଣାଳୀରେ ମାଛ ଚାଷ, ପନିପରିବା ଚାଷ, ଛତୁ ଚାଷ ଏବଂ ମିଶ୍ରିତ ଚାଷ ଉପରେ ଚାଷୀ ମାନଙ୍କୁ ବୁଝାଇ ଥିଲେ ପରିଶେଷରେ ସମସ୍ତ ଚାଷୀ ସ୍ୱାମୀନାଥନ୍ କ୍ୟାମ୍ପସ ପରି ଦର୍ଶନ କରି ସମସ୍ତ ଚାଷ ପ୍ରଣାଳୀ ବୁଲି ଦେଖି ଥିଲେ । ଏହି କାର୍ଯ୍ୟକ୍ରମକୁ ରବି ଶଙ୍କର ପଣ୍ଡା, ଡାବୁଗାଁ ପରିଚାଳନା କରିବା ସହ ଲକ୍ଷ୍ମୀ ନାୟକ, ପାପଡାହାଣ୍ଡି ଏବଂ ଜଳେନ୍ଦ୍ର ଅମାନତ୍ୟ- କୋଷାଗୁମୁଡା ସହଯୋଗ କରିଥିଲେ ।

# କୃଷି ଓ ଆନୁଷଙ୍ଗିକ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣିରେ ସ୍ଥାପନ ହେବ ସହାୟତା କେନ୍ଦ୍ର

କେନ୍ଦ୍ରାପଡ଼ା, ୧୯/୦୭ (ନି.ପ୍ର): କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣ, ବିଶେଷକରି କୃଷକମାନଙ୍କୁ ସଚେତନ କରିବା ଏବଂ ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାଗୁଡ଼ିକର ସୁଫଳ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତି ସୋମବାର ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ସ୍ୱତନ୍ତ୍ର ସହାୟତା କେନ୍ଦ୍ର(ହେଲ୍ପ ଡେସ୍କ) ସ୍ଥାପନ କରାଯିବ । ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଅଧିନରେ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କ ଆବେଦନ ସଂଖ୍ୟା ଆଶାନୁରୂପ ନଥିବା ଲକ୍ଷ୍ୟ କରାଯାଇଥିଲା । ଫଳରେ, ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯୋଜନାଗୁଡ଼ିକର ସଠିକ୍ ସୂଚନା ପହଂଚାଇ ସେମାନଙ୍କୁ ସରକାରୀ ସହାୟତାର ପରିସରଭୁକ୍ତ କରିବା ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଯୁଗ୍ମ ଅଭିଯୋଗ ଶୁଣାଣୀ ସ୍ଥଳରେ ସ୍ଥାପିତ ହେବାକୁ ଥିବା ଏହି ସହାୟତା କେନ୍ଦ୍ରରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀମାନଙ୍କ ସହ ବ୍ୟାଙ୍କ ପ୍ରତିନିଧିମାନେ ଉପସ୍ଥିତ ରହିବେ । ସେମାନେ ଆଗ୍ରହୀ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ ପ୍ରକ୍ରିୟା, ଆର୍ଥିକ ସହାୟତାର ବିବରଣୀ ଏବଂ ଯୋଜନାର ସୁବିଧା ସମ୍ପର୍କରେ ଆବଶ୍ୟକ ମାର୍ଗଦର୍ଶନ ଓ ପରାମର୍ଶ ପ୍ରଦାନ କରିବେ । ଜିଲ୍ଲାପାଳ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଯୁଗ୍ମ ଅଭିଯୋଗ ଶୁଣାଣୀ ସ୍ଥଳରେ ସହାୟତା କେନ୍ଦ୍ର ସ୍ଥାପନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସହ ଗ୍ରାମ ପଂଚାୟତ ସ୍ତରରେ ଏହି ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଅଧିକରୁ ଅଧିକ କୃଷକ ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ସଠିକ୍ ସୂଚନା ହାସଲ କରିପାରିବେ । ଏହି ଜନହିତକର ପଦକ୍ଷେପ ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନାର ପରିସର ବୃଦ୍ଧି ପାଇବା ସହ ତୃଣମୂଳ ସ୍ତରରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ଭବ ହେବ ବୋଲି ଆଶା କରାଯାଉଛି । କୃଷକ ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ପ୍ରକାଶଥାଉକି, ଆସନ୍ତା ୨୦ ଜୁଲାଇ, ୨୦୨୬ ତାରିଖରେ ମହାକାଳପଡ଼ା ବ୍ଲକ ଏବଂ ୨୭ ଜୁଲାଇ, ୨୦୨୬ ତାରିଖରେ ଡେରାବିଶ ବ୍ଲକ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହେବ ।

# କୋରାପୁଟ ବ୍ରିଜ୍ ନିର୍ମାଣରେ ଦୁର୍ନୀତି, ଉଦଘାଟନ ପୂର୍ବରୁ ଫାଟିଲାଣି, ବର୍ଷେ ନପୂରୁଣୁ ଦୋହଲୁଛି



କୋରାପୁଟ , ୧୯/୦୭ (ନି.ପ୍ର): କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହେଲା ବ୍ରିଜ୍ । ଲାଗୁଥିଲା ଯାତାୟାତ ସୁଗମ ହେବ । ସେମିତି କିଛି ହେଲାନି । କେଉଁଠି ଉଦଘାଟନ ପୂର୍ବରୁ ବ୍ରିଜ୍ ଦବିଗଲାଣି । ଆଉ କେଉଁଠି ବର୍ଷେ ବି ଯାଇନି ଅସୁରକ୍ଷିତ ହୋଇପଡ଼ିଛି ପୋଲ । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଉଠିଛି ଅନେକ ପ୍ରଶ୍ନ । କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକରେ ପୂର୍ତ୍ତ ବିଭାଗ ଦ୍ୱାରା କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ଦୁଇଟି ବଡ଼ ବ୍ରିଜ୍ । ଗୋଟିଏ ହେଉଛି ଜମାନଗାର୍ଡ ନୂତନ ପୋଲ । ଏଥିପାଇଁ ଖର୍ଚ୍ଚ ହେଲା ୨ କୋଟିରୁ ଅଧିକ ଟଙ୍କା । ନିର୍ମାଣକୁ ୨ ମାସ ବି ପୂରିନି, ଉଦଘାଟନ ବି ହୋଇନି । ଏହା ପୂର୍ବରୁ ମାଟି ଦବିଯାଇ ପୋଲରେ ସୃଷ୍ଟି ହୋଇଛି ଫାଟ । ସେହିପରି ୩ କୋଟି ୨୭ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିଲା ପେଡିସିଲ ବ୍ରିଜ୍ । ଉଦଘାଟନ୍‌କୁ ବର୍ଷେ ପୁରୁଛି କି ନାହିଁ ଅସୁରକ୍ଷିତ ଅବସ୍ଥାରେ ଦୋହଲି ରହିଛି । ଫଳରେ ବ୍ରିଜ ଦେଇ ଯାତାୟତ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏମିତି ଅନେକ ପ୍ରଶ୍ନ ଏବେ ଛିଡ଼ା ହୋଇଛି । ଏନେଇ ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି ଯଦି ଅଫିସର୍ ମାନଙ୍କର କାମ କରିବାକୁ ଇଚ୍ଛା ନାହିଁ ତାହା ହେଲେ ସମସ୍ତେ ଛୁଟି ନେଇ ଘରେ ରୁହନ୍ତୁ । ତୁରନ୍ତ ଦୁଇଟି ବ୍ରିଜ୍‌ର ବୈଷୟିକ ଯାଞ୍ଚ କରାଯାଇ ଦାୟୀ ଅଧିକାରୀ ଓ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ବନ ମହୋତ୍ସବ ପାଳିତ

ଜୟପୁର, ୧୯/୦୭ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଚାରା ରୋପଣ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସୁନା କାର୍ଯ୍ୟକ୍ରମକୁ ଉଦଘାଟନ କରି ପ୍ରଥମେ ଚାରା ରୋପଣ କରିଥିଲେ । ପରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀମାନେ ଚାରା ରୋପଣ କରିବା ସହ ଗଛର ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁକ୍ତ ୩ ଜାତୀୟ ସେବା ଯୋଜନା ଅଧିକାରୀ ସୁନିତା କୁମାରୀ ପ୍ରଧାନ, ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର ଆୟୋଜନ କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଭାରତୀୟ ଜନତା ଦଳର ଜୟପୁର ଟାଉନ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ହେଲେ ପୁଷ୍ପାଞ୍ଜଳି ନାୟକ

ଜୟପୁର, ୧୯/୦୭ (ନି.ପ୍ର): ଭାରତୀୟ ଜନତା ଦଳର ଜୟପୁର ଟାଉନ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ହେଲେ ପୁଷ୍ପାଞ୍ଜଳୀ ନାୟକ । ଭାରତୀୟ ଜନତା ଦଳର ସାଙ୍ଗଠନିକ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୁଷ୍ପାଞ୍ଜଳୀ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଦଳ ପ୍ରତି ତାଙ୍କର ନିଷ୍ଠା ସକ୍ରିୟ ସାଙ୍ଗଠନିକ ଭୂମିକା ମହିଳା ମାନଙ୍କୁ ସଂଗଠିତ କରିବାର ବିଚାରକୁ ନେଇ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି । ପୁଷ୍ପାଞ୍ଜଳୀ ନାୟକ ସଂଗଠନ ବିସ୍ତାର, ଦଳୀୟ କାର୍ଯ୍ୟକ୍ରମର ସଫଳ ପରିଚାଳନା ଓ ସାମାଜିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ଦଳ ତାଙ୍କ ଉପରେ ଅସ୍ଥା ପ୍ରକଟ କରିଛି । ଦଳ ଯେଉଁ ଗୁରୁ ଦାୟିତ୍ୱ ଦେଇଛି ଦଳର ବିଶ୍ୱାସକୁ ସମ୍ମାନ ଜଣାଇ ସଂଗଠନକୁ ଗ୍ରାମାଚଂଳରେ ଆହୁରି ସୁଦୃଢ଼ କରିବା ସହ ମହିଳା ମାନଙ୍କୁ ଦଳରେ ସାମିଲ କରିବା ସାମାଜିକ ସେବାମୂଳକ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତାଙ୍କ ନେତୃତ୍ୱରେ ଦଳ ମଜଭୁତ ହେବ ବୋଲି ଜଣାଯାଇଛି । ପୁଷ୍ପାଞ୍ଜଳୀ ନାୟକ କର୍ମମୟ ଜୀବନର ବ୍ୟସ୍ତତା ଭିତରେ ରହି ମଧ୍ୟ ସେ କେବେ କୌଣସି କର୍ତବ୍ୟ ପ୍ରତି ହେଳା କରି ନାହାଁନ୍ତି । ସମାଜର ପ୍ରତିବନ୍ଧକକୁ ଲଘଂନ କରି ସମାଜ ପାଇଁ କିଛି କରି ଦେଖାଇବା ପାଇଁ ଆଗେଇ ଆସିଛନ୍ତି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ ବୋଲି ସୂଚନା ଦେଇଛନ୍ତି । ଦୀର୍ଘ ୧୦ ବର୍ଷ ଧରି ସମାଜ ସେବା କରିଆସୁଥିବା ପୁଷ୍ପାଞ୍ଜଳୀ ନାୟକ ଶୀତ ଦିନେ ସରକାରୀ ଚିକିତ୍ସାଳୟରେ ଓ ଗ୍ରାମାଚଂଳରେ ଶୀତ ବସ୍ତ୍ର ପ୍ରଦାନ କରିବା ସହ ଅନାଥ ଆଶ୍ରମରେ ଖାଦ୍ୟ ପ୍ରଦାନ କରି ସେ ନିଜକୁ ଖୁସି ଅନୁଭବ କରୁଥିବା ଜଣାଯାଇଛି । ଏହି ପଦବୀ ପାଇବା ପରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟ । ବିଶ୍ୱାଳ, ବିଜେପିର ରାଜ୍ୟ କାର୍ଯ୍ୟକାରଣି ସଦସ୍ୟ ଗୌତମ ସାମନ୍ତରାୟ ଓ କୋରାପୁଟ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ବିଜେଡିର ଏସଆଇଆର ସମ୍ବନ୍ଧୀୟ କର୍ମଶାଳା ଓ ସମୀକ୍ଷା

ଖୋର୍ଦ୍ଧା, ୧୯/୭ (ନି.ପ୍ର): ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଚାଲିଛି। ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କ ଆବାହକତ୍ୱ ରେ ଖୋର୍ଦ୍ଧା ଜ଼ିଲ୍ଲା ର ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ର ଏସଆଇଆର ସମ୍ପର୍କିତ ସମୀକ୍ଷା ବୈଠକ ଦୁଇଟି ପର୍ଯ୍ୟାୟ ରେ ଶଙ୍ଖ ଭବନ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ବିଜେଡି ର ବରିଷ୍ଠ ସାଧାରଣ ସମ୍ପାଦକ ତଥା ଏସଆଇଆର ର ଦଳ ର ରାଜ୍ୟ ମୁଖ୍ୟ ସଂଯୋଜକ ବିଜୟ ନାୟକ, ଜ଼ିଲ୍ଲା କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ, ଯୁବ ବିଜେଡି ଉପ ସଭାପତି ତଥା ରାଜ୍ୟ ସଂଯୋଜକ ମନୋଜ ସେନାପତି, ସାଧାରଣ ସଂପାଦକ ତଥା ସଂଯୋଜକ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅମରଜିତ ସେନାପତି,ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜ଼ିଲ୍ଲା ବିଜେଡିର ଏସଆଇଆର ସଂଯୋଜକ ଶୁଭକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଆଭାସୀ ଜରିଆରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସଂଯୋଜକ ସାଗର ବରାଳ, ଆଭାସୀ ରେ ଯୋଗ ଦେଇଥିଲେ। ଏଥିସହିତ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମୀୟ ମହାନ୍ତି, ସ୍ୱଦେଶ ରାଉତରାୟ, ବିରଞ୍ଚି ଜେନା,ପ୍ରଶାନ୍ତ ବେହେରା, କରୁଣାକର ଦଳସିଂହରାୟ ପ୍ରମୁଖ ଅଭାସୀ ମାଧ୍ୟମ ରେ ବିଭିନ୍ନ ଆଲୋଚନା କରିଥିଲେ। ଉଭୟ ନିର୍ବାଚନ ମଣ୍ଡଳୀର ଏସଆଇଆର ଦାୟିତ୍ୱ ରେ ଥିବା ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ର ସମସ୍ତ ଦଳୀୟ ବିଏଲଏ ଆଭାସୀ ରେ ଯୋଗଦେଇ ଥିଲେ। ଜୁଲାଇ ୫ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରୁ ଏକାଧିକ ବାଦ ପଡିଛନ୍ତି। ଆସନ୍ତା ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଶୁଣାଣୀ କରାଯିବ। ଡ୍ରାଫ୍ଟ ରୁ ବାଦ ପଡିଥିବା ଯୋଗ୍ୟ ଭୋଟର କିଭଳି ପୁଣି ଯୋଡି ହେବେ କେଉଁ ସବୁ କାଗଜ ପତ୍ର ଦରକାର ଓ ଆଉ କଣ ସବୁ କରିବା ଦରକାର ସେ ବିଷୟ ରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଆଭାସୀ ଯୋଡିହୋଇଥିବା କର୍ମକର୍ତ୍ତା ମାନଙ୍କ ସହ ଏ ସମ୍ପର୍କ ରେ ଆଲୋଚନା କରିଥିଲେ ବରିଷ୍ଠ ନେତା ଶ୍ରୀ ନାୟକ। ସର୍ବଶେଷରେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ରାଜ୍ୟ ନେତୃତ୍ୱ ଓ ଯୋଗଦେଇଥିବା ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇ ଜ଼ିଲ୍ଲା ସଭାପତି ଶ୍ରୀ ସାହୁ କହିଥିଲେ ଆପଣମାନଙ୍କର ଯୋଗଦାନ ବିଜୁ ଜନତା ଦଳକୁ ଉଭୟ ନିର୍ବାଚନ ମଣ୍ଡଳୀ ରେ ଆହୁରି ସଶକ୍ତ କରିବ।

# ଏଆଇଟିୟୁସିର ୮ମ ବାଲେଶ୍ୱର ଜିଲ୍ଲା ସମ୍ମିଳନୀରେ ଶ୍ରମିକ ଶ୍ରେଣୀର ଅଧିକାର ହାସଲ ପାଇଁ ମିଳିତ ସଂଘର୍ଷର ଆହ୍ୱାନ




ବାଲେଶ୍ୱର, ୧୯/୭ (ନି.ପ୍ର): ଆଜି ଏଆଇଟିୟୁସି ର ୮ମ ରାଜ୍ୟ ସମ୍ମିଳନୀ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି କମ୍ରେଡ୍ ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏଆଇଟିୟୁସିର ଅନ୍ୟତମ ରାଜ୍ୟ ସମ୍ପାଦକ ମାୟାଧର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଆଟିୟୁସିର ଅନ୍ୟତମ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦ୍ଘାଟନ କରି ସମଗ୍ର ଦେଶର ଶ୍ରମିକ ଶ୍ରେଣୀ ଆଜି ପୁଞ୍ଜିବାଦୀ ଚରମ ରୂପ ସାମ୍ରାଜ୍ୟବାଦୀ ଶୋଷଣ କଷଣ ଓ ଲୁଣ୍ଠନର ଶିକାର ହେଉଥିବା ସୂଚନା ଦେଇ ଏହି ସମସ୍ୟାର ମୁକାବିଲା ପାଇଁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ସଂଘର୍ଷରେ ଝାସ ଦେଇ ଘୃଣା, ହିଂସା ଓ ବିଭାଜନ ମୁକ୍ତ ବ୍ୟବସ୍ଥା ପ୍ରତିଷ୍ଠାର ନେତୃତ୍ୱ ନେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଗତ ୬ବର୍ଷର ସଂଘର୍ଷମୟ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏମ୍‌ଇଏସର ବରିଷ୍ଠ ନେତା ରତ୍ନାକର ବେହେରା, ଅଖିଳ ଭାରତ ଡାକ କର୍ମଚାରୀ ସଂଘ ନେତା ନିରଞ୍ଜନ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀରେ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘର ସହ-ସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ଚାନ୍ଦିପୁର ଡିଫେନସ କଣ୍ଟ୍ରାକ୍ଟର ୱାର୍କରସ୍ ୟୁନିୟନର କାର୍ଯ୍ୟକାରୀ ସଭାପତି ଅରୁଣ ମଣ୍ଡଳ, ବାଲେଶ୍ୱର ରିକ୍ସା ଚାଳକ ସଂଘର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ଦାସ, ବିଦ୍ୟୁତ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ନେତ୍ରୀ ଆରତୀ ଦାଶମହାପାତ୍ର, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ନନ୍ଦିତା ପାଇକରାୟ, ଅଖିଳ ଭାରତ ଜିଡିଏସ୍ କର୍ମଚାରୀ ସଂଘର ନାରାୟଣ ପ୍ରସାଦ ଦାସ, ହରେକୃଷ୍ଣ ଚାନ୍ଦ, ଜଗଦୀଶ ବାରିକ, ପ୍ରମୁଖ ଉପସ୍ଥାପିତ ବିବରଣୀ ଉପରେ ଆଲୋଚନା କରିଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ କରିବା, ଏନଟିଏ ପରିଚାଳିତ ନିଟ ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ତଦ୍‌ଜନିତ କେତେକ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା, ସରକାର ଉତ୍ତର ଦାୟିତ୍ୱ ଶୂନ୍ୟତା, ଏହି ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଜନ୍ତର ମନ୍ତର ଠାରେ ଜୁନ୍ ୨୮ରୁ ଜୁଲାଇ ଆମରଣ ଅନଶନରତ ବିଶିଷ୍ଟ ପରିବେଶବିତ୍ ଗ୍ଲେସିୟର ୱାଟର ହାର୍ଭେଷ୍ଟ ଷ୍ଟ୍ରକ୍‌ଚର ପ୍ରତିଷ୍ଠାତା, ସେନାବାହିନୀ ଜବାନଙ୍କ ପାଇଁ ସୁରକ୍ଷିତ ଗ୍ଲେସିୟର ଟେଣ୍ଟ ନିର୍ମାଣର ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିବା ସହ ବଳପୂର୍ବକ ଡାକ୍ତରଖାନାରେ ଅଟକ ରଖିବା ପ୍ରତିବାଦରେ ୨୦ ଜୁଲାଇ ସଂସଦ ଅଭିଯାନକୁ ସମର୍ଥନ ଜଣାଇ ବାଲେଶ୍ୱରଠାରେ ମିଳିତ ଆନ୍ଦୋଳନ ପ୍ରସ୍ତାବ ଗୃହିଣୀ ହୋଇଥିଲା। ଇପିଏଫ୍ ପେନସନଧାରୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପ୍ରଦାନ, ସ୍ଥାୟୀ କାର୍ଯରେ ଥିବା ସମସ୍ତ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଶ୍ରମିକ ଶ୍ରେଣୀର ବିଭିନ୍ନ ଦାବି ନେଇ ୧୦ ଅଗଷ୍ଟ ବ୍ୟାପକ ମିଳିତ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରସ୍ତାବ ବରିଷ୍ଠ ଏଆଇଟିୟୁସି ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥାପନ କରିଥିଲେ ଓ ସମ୍ମିଳନୀରେ ଅନୁମୋଦିତ ହୋଇଥିଲା। ଆଗାମୀ ୩୧ ଅକ୍ଟୋବରରୁ ନଭେମ୍ବର ୨ ପର୍ଯ୍ୟନ୍ତ ତାଳଚେର ଠାରେ ହେଉଥିବା ଏଆଇଟିୟୁସି ରାଜ୍ୟ ସମ୍ମିଳନୀ ପାଇଁ ପ୍ରତିନିଧି ନିର୍ବାଚନ କରାଯାଇଥିଲା। ଆଗାମୀ ୩ବର୍ଷ ପାଇଁ ଜିଲ୍ଲା ସଭାପତି ଭାବେ ଭାଗବତ ପ୍ରତିହାରୀ, କାର୍ଯ୍ୟକାରୀ ସଭାପତି- ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି- ମାୟାଧର ନାୟକ ଓ ଶାନ୍ତନୁ ଦାସ, ଜିଲ୍ଲା ସମ୍ପାଦକ - ଶ୍ୟାମସୁନ୍ଦର ଜେନା, ଜିଲ୍ଲା ଯୁଗ୍ମ ସମ୍ପାଦକ- ଶରତ ଚନ୍ଦ୍ର ଦଳାଇ, ଅରୁଣ ମଣ୍ଡଳ, ସେକ୍ ସଲାଉଦ୍ଦିନ, ଆରତୀ ଦାଶମହାପାତ୍ର ଓ ନାରାୟଣ ପ୍ରସାଦ ଦାସ, କୋଷାଧକ୍ଷ- ଭରତ ଚନ୍ଦ୍ର ସେଠୀ, ଆଇନ ପରାମର୍ଶଦାତା ଶମ୍ଭୁନାଥ ମହାନ୍ତି, ନିରଞ୍ଜନ ପରିଡ଼ା ଓ ବିଭିନ୍ନ ୟୁନିୟନର ପ୍ରତିନିଧିଙ୍କୁ ନେଇ ଜିଲ୍ଲା କାର୍ଯ୍ୟକାରୀ କମିଟି ସର୍ବସମ୍ମତ ଭାବେ ନିର୍ବାଚିତ ହୋଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ସମ୍ମିଳନୀ କକ୍ଷ ସମ୍ମୁଖରେ ଜିଲ୍ଲା ସଭାପତି ପତାକା ଉତ୍ତୋଳନ କରିଥିଲେ। ଶେଷରେ ବନ୍ଦନା ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟ୍ରମ୍ପଙ୍କ ମାଷ୍ଟର ପ୍ଲାନ୍ ...

ସାଧାରଣତଃ ଧାରଣା ଥାଏ ଯେ, ଟିକସ ବଢ଼ିଲେ ବିଦେଶୀ କମ୍ପାନୀମାନେ ନିଜ ଲାଭ କମାଇ ଜିନିଷର ଦାମ୍ କମାଇବେ । କିନ୍ତୁ ବାସ୍ତବରେ, ଏହି ଅତିରିକ୍ତ ଶୁଳ୍କର ବୋଝ ଆମେରିକାର ଆମଦାନୀକାରୀଙ୍କ ଉପରେ ହିଁ ପଡ଼ିଲା। ରପ୍ତାନିକାରୀମାନେ ନିଜର ପୁରୁଣା ଦାମ୍ ବଜାୟ ରଖିଲେ ଏବଂ ଆମେରିକା ସରକାରଙ୍କ ଦ୍ୱାରା ଲଗାଯାଇଥିବା ଟ୍ୟାକ୍ସ ସିଧାସଳଖ ଉପଭୋକ୍ତାଙ୍କ ପକେଟରୁ ଗଲା ।

### ‘ପ୍ରେସ-ଇମ୍ପ୍ରେସ ମିଡିଆ ...

ବିଶେଷ କରି ପାରମ୍ପରିକ ମିଡିଆ (ଖବରକାଗଜ)ରେ ପାଠକଙ୍କ ସଂଖ୍ୟା ହ୍ରାସ ଏବଂ ଆର୍ଥିକ ଭାର ବହନ ପାଇଁ ସରକାରୀ ବିଜ୍ଞାପନ ଉପରେ ଅଧିକ ନିର୍ଭରଶୀଳ ହେବା ଯୋଗୁଁ ଗଣମାଧ୍ୟମ କର୍ତ୍ତୃପକ୍ଷଙ୍କୁ ବେଳେବେଳେ ସତ୍ୟ ଓ ନିରପେକ୍ଷତା ସହିତ ସାଲିସ କରିବାକୁ ପଡୁଛି ବୋଲି ଅତିଥି ମତ ଦେଇଥିଲେ। ଏ ନେଇ ପାଠକ ସଂଖ୍ୟା ବୃଦ୍ଧି ନେଇ ସବୁ ମହଲରୁ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ନୃତ୍ୟାନୁଷ୍ଠାନ ‘ନାଚ’ର ସହଯୋଗରେ ବିଶେଷ ନୃତ୍ୟ ପ୍ରଦର୍ଶନ କରିଥିବା କୃତୀ ନୃତ୍ୟାଙ୍ଗନାଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ‘ନାଚ’ର ମୁଖ୍ୟ ରୋନାଲିସା ପାଣିଗ୍ରାହୀ ଓ ରତିକାନ୍ତ ଦତ୍ତ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ କୁନିବକ୍ତା ଛାତ୍ରୀ ପାବନୀ ପ୍ରତୀକ୍ଷା ଦାସ ସାମ୍ବାଦିକ ସଂଗଠନ ସମ୍ପର୍କରେ ଛୋଟିଆ ହେଲେ ବି ଏକ ଆକର୍ଷଣୀୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଗଠନର ଦିବଂଗତ ସଦସ୍ୟ ମିହିର ମହାପାତ୍ର ଓ ବାସୁଦେବ ରାଉଳଙ୍କ ଉଦ୍ଦେଶ୍ୟରେ ସାମୂହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ‘ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବ’ର ସଭାପତି ବରିଷ୍ଠ ସାମ୍ବାଦିକ ଉଜ୍ଜଳ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଦୀପ୍ତ କୁମାର ଦାସ ବିବରଣୀ ଉପସ୍ଥାପନ କରିଥିଲେ। ଗଗନ ସେଠୀ, ଗୟାଧର କର, ଦିଲ୍ଲୀପ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ କଥା ରଖିଥିଲେ। ସମ୍ପାଦକ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକମ ପରିଚାଳନାରେ କୈଳାସ ଚନ୍ଦ୍ର ବେହେରା, ସୁରେନ୍ଦ୍ର ମୋହନ ଜେନା, ପ୍ରଦୀପ କୁମାର ବେରା, ମଧୁସୂଦନ ମିଶ୍ର, ଦୀପକ କୁମାର ମଲ୍ଲିକ, ରାମଚନ୍ଦ୍ର ମହଲ, ଆଜିମ ବାଲେଶ୍ୱରୀ, ପ୍ରଭାତ କୁମାର ଶର୍ମା, ଶରତ କୁମାର ସାମଲ, ତ୍ରିଲୋଚନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଦିପ୍ତ ମହାନ୍ତି ପାର୍ଥ ସାରଥି ଦାସବାବୁ, ଚକ୍ରଧର ସିଂ, ସୁଶୀଳ ଜେନା, ଚନ୍ଦନ କୁମାର ପାଣିଗ୍ରାହୀ, ପଦ୍ମଲୋଚନ ଦତ୍ତ, କରୁଣା କର ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ଓବିସିଙ୍କୁ ଅଣଦେଖା...

(ମହିଳା), ୭ଟି ଅନୁସୂଚିତ ଜାତି, ୭ଟି ଅନୁସୂଚିତ ଜନଜାତି (ମହିଳା), ୪ଟି ଅନୁସୂଚିତ ଜନଜାତି, ୪ଟି ସାଧାରଣ ମହିଳା ଏବଂ ୨ଟି ଅଣସଂରକ୍ଷିତ ବର୍ଗ ପାଇଁ ପ୍ରସ୍ତାବିତ ହୋଇଛି । ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଅଧାଅଧି ଲୋକ ଓବିସି ବର୍ଗର ହୋଇଥିଲେ ସୁଦ୍ଧା ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ତେଣୁ ତୁରନ୍ତ ଜନଗଣନା କରି ସଂଖ୍ୟା ଭିତ୍ତିରେ ପଛୁଆ ବର୍ଗଙ୍କୁ ସେମାନଙ୍କ ନ୍ୟାଯ୍ୟ ହକ୍ ପ୍ରଦାନ କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି । ଏହି ସଂରକ୍ଷଣ ବିବାଦ ପଛରେ ଥିବା ମୁଖ୍ୟ କାରଣ ହେଉଛି ଓବିସି କମିସନଙ୍କ ରିପୋର୍ଟ । ୨୦୨୦ ମସିହାରେ ପୂର୍ବ ସରକାର ହାଇକୋର୍ଟର ପୂର୍ବତନ ବିଚାରପତି ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ଓବିସି କମିସନ ଗଠନ କରିଥିଲେ ।

### ଆଜି ମୌସୁମୀ...

୪. ସୁପ୍ରିମକୋର୍ଟ ସଂଶୋଧନ ବିଲ୍ - ୨୦୨୬, ୫. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍ - ୨୦୨୬। ଏହି ୫ଟି ବିଲ୍ ବ୍ୟତୀତ ଗତ ଏପ୍ରିଲରେ କାଟ୍ ଖାଇଥିବା ମହିଳା ସଂରକ୍ଷଣ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସରକାର ପୁଣିଥରେ ଆଣିପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ହେଉଛି । ଗତ ୩ ମାସ ମଧ୍ୟରେ ଜାତୀୟ ରାଜନୀତିର ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳିଯାଇଛି । ବିରୋଧୀଙ୍କୁ ଚକ୍‌ମା ଦେଇ ବିଜେପି ନେତୃତ୍ୱାଧୀନ ଏନଡିଏ ଏବେ ନିଜର ଶକ୍ତି ବୃଦ୍ଧି କରିଛି । ମମତା ବାନାର୍ଜୀଙ୍କୁ ଛାଡ଼ି ୨୦ ଜଣ ବିଦ୍ରୋହୀ ସାଂସଦ ଘଉଚଓ ରେ ଯୋଗ ଦେଇ ଏନଡିଏକୁ ସମର୍ଥନ ଦେଇଛନ୍ତି । ସେହିପରି ମହାରାଷ୍ଟ୍ରରେ ଉଦ୍ଧବଙ୍କ ୬ ଜଣ ସାଂସଦ ଏକନାଥ ସିନ୍ଦେଙ୍କ ଶିବସେନାରେ ସାମିଲ ହେବା ଏବଂ ତାମିଲନାଡୁରେ ଡିଏମକେର ୨୨ ସାଂସଦଙ୍କ ସମର୍ଥନ ମିଳିବା ପରେ ଶାସକ ଦଳର ବଳ ବଢ଼ିଛି । ଫଳରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଏନଡିଏ ଏବେ ବିଲ୍ ପାରିତ କରାଇବା ପାଇଁ ଆବଶ୍ୟକୀୟ ଦୁଇ-ତୃତୀୟାଂଶ ବହୁମତର ଖୁବ୍ ପାଖାପାଖି ପହଞ୍ଚିଯାଇଛି ।

### ଅଭିଷେକ ବାନର୍ଜୀଙ୍କୁ ...

ପୋଲିସ କର୍ମଚାରୀମାନେ ବିଜେପି ଗୁଣ୍ଡାଙ୍କ ସହ ମିଶି କାର୍ଯ୍ୟାଳୟରୁ ଲାପଟପ୍, ପ୍ରିଣ୍ଟର, ଦସ୍ତାବିଜ୍ ଓ ଆସବାବପତ୍ର ବୋହି ନେଇଥିବା ଅଭିଯୋଗ କରି ବାନର୍ଜୀ ଏହାକୁ ‘ୟୁନିଫର୍ମ ପିନ୍ଧିଥିବା ଚୋର’ ବୋଲି ଆଖ୍ୟା ଦେଇଛନ୍ତି। ହାଇକୋର୍ଟଙ୍କ ରୋକ ପରେ ଏହି ବିବାଦରେ ବର୍ତ୍ତମାନ ପାଇଁ ସାଂସଦଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି।

# କୁଶକ୍ଷେତ୍ର-ଗୁଡ଼ ଲୋକାରଣ୍ୟ: ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବ-୨୦୨୬ ମହାସମାରୋହରେ ସମ୍ପନ୍ନ



ବାସୁଦେବପୁର, ୧୯/୭ (ନି.ପ୍ର): ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟର ଆନୁକୂଲ୍ୟରେ ପବିତ୍ର ଶ୍ରୀଗୁଣ୍ଡିଚା ଉତ୍ସବ ଅବସରରେ ଆୟୋଜିତ ଦ୍ୱିଦିବସୀୟ ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବ-୨୦୨୬ ଜୁଲାଇ ୧୬ ଓ ୧୭ ତାରିଖରେ କୁଶକ୍ଷେତ୍ର ଗୁଡ଼ ଗ୍ରାମରେ ବହୁ ଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନର ସଭାରେ ଉପସଭାପତି ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୋର ବ୍ଲକର ତହସିଲଦାର ଶ୍ରୀ କୃଷ୍ଣ ମୋହନ ସିଂହ, ସମ୍ମାନିତ ଅତିଥି ଭାବେ ଏଡିଏମ୍ ଶ୍ରୀ ତପନ କୁମାର ଖୁଣ୍ଟିଆ, ଶ୍ରୀ ଶରତ ଚନ୍ଦ୍ର ପଣ୍ଡା ଏବଂ ଅନନ୍ତପୁର ଥାନାର ଆଇଆଇସି ଶ୍ରୀ ସରୋଜ କୁମାର ଦାସ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଶ୍ରୀଧର ପତ୍ରୀ ଯୋଗଦେଇଥିବା ବେଳେ ମଞ୍ଚ ସଂଯୋଜନା କରିଥିଲେ ଶ୍ରୀ ଶିବାଜୀ ଚରଣ ନାୟକ ଏବଂ ସହସଂଯୋଜକ ଭାବେ ଶ୍ରୀ ଦେବାଶିଷ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ମହୋତ୍ସବର ସଫଳ ଆୟୋଜନରେ ଟ୍ରଷ୍ଟର ସଭାପତି ଶ୍ରୀ ମୁକ୍ତିକାନ୍ତ ପଣ୍ଡା, ସମ୍ପାଦକ ଶ୍ରୀ ଅଜୟ କୁମାର ପଣ୍ଡା, କୋଷାଧକ୍ଷ ଶ୍ରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ଉପଦେଷ୍ଟା ଶ୍ରୀ ଦୀପକ ରଞ୍ଜନ ବେହେରା ଓ ଟ୍ରଷ୍ଟର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ପ୍ରଭୁ ଶ୍ରୀ ଅନନ୍ତ ବଳଦେବଜୀଉଙ୍କ ପହଣ୍ଡି ବିଜେ ଅବସରରେ ମାହାରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ, ଯାହା ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ଏହାସହ ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ପକ୍ଷରୁ କୁନି କୁନି ପିଲାମାନଙ୍କୁ ନେଇ 'ଶିଳାବ୍ରହ୍ମ ପ୍ରତିଭା ସମ୍ମାନ-୨୦୨୬' କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିବା ଏହି ମହୋତ୍ସବରେ ପ୍ରାୟ ୪୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଦିନସାରା ବର୍ଷା ହେଉଥିଲେ ମଧ୍ୟ ଭକ୍ତମାନଙ୍କ ଉତ୍ସାହରେ କୌଣସି ଭଟ୍ଟା ପଡ଼ିନଥିଲା। ବର୍ଷାକୁ ଖାତିର ନକରି ହଜାର ହଜାର ଭକ୍ତ ପ୍ରଭୁ ବଳଦେବଜୀଉଙ୍କ ରଥଯାତ୍ରା ଓ ମହୋତ୍ସବରେ ସାମିଲ ହୋଇ ଭକ୍ତିଭାବରେ ନୃତ୍ୟ ଓ କୀର୍ତ୍ତନରେ ମଗ୍ନ ହୋଇଥିଲେ। କୁଶକ୍ଷେତ୍ର ଗୁଡ଼ ଗ୍ରାମର ବଡଦାଣ୍ଡ ସମ୍ପୂର୍ଣ୍ଣ ଭକ୍ତିମୟ ପରିବେଶରେ ଲୋକାରଣ୍ୟ ପାଲଟିଯାଇଥିଲା। ପ୍ରଭୁଙ୍କ ଗୁଣଗାନ, ହରିନାମ ସଂକୀର୍ତ୍ତନ ଏବଂ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତମାନେ ଅପାର ଆନନ୍ଦ ଓ ଉଲ୍ଲାସରେ ମଗ୍ନ ହୋଇଥିଲେ। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ମତରେ, ଏହି ମହୋତ୍ସବର ଦିବ୍ୟ ଓ ଅଲୌକିକ ପରିବେଶ ସତରେ ଅବିସ୍ମରଣୀୟ ଥିଲା।

# ମଙ୍ଗଳ ପାଣ୍ଡେଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୯/୭ (ନି.ପ୍ର): ମଙ୍ଗଳ ପାଣ୍ଡେଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ମହାନ ବିପ୍ଲବୀ ମଙ୍ଗଳ ପପାଣ୍ଡେ ଜୀଙ୍କ ଜୟନ୍ତୀରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି। ସେ କହିଛନ୍ତି ଯେ, ଭାରତର ସ୍ୱାଧୀନତା ।ଇଁ ତାଙ୍କର ନିର୍ଭୀକ ସାହସ, ଅଦମ୍ୟ ଦେଶପ୍ରେମ ଏବଂ ଅଟଳ ସମର୍ପଣ ଔପନିବେଶିକ ଶାସନ ବିରୋଧରେ ପ୍ରତିରୋଧର ମଶାଲ ପ୍ରଜ୍ୱଳିତ କରିଥିଲା ଏବଂ ଅସଂଖ୍ୟ ଦେଶଭକ୍ତଙ୍କୁ ପ୍ରେରଣା ଯୋଗାଇଥିଲା। ତାଙ୍କର ସାହସ, ତ୍ୟାଗ ଏବଂ ମାତୃଭୂମି ପ୍ରତି ଅପାର ପ୍ରେମର ଆଦର୍ଶ ଆମ ସମସ୍ତଙ୍କୁ ଦେଶସେବାରେ ସଦା ପ୍ରେରିତ କରୁ—ଏହାହିଁ ଆମର ପ୍ରାର୍ଥନା।

# ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲରେ ଅଳଙ୍କରଣ ସମାରୋହ ଏବଂ ମେଧା ସମ୍ବର୍ଦ୍ଧନା ଉତ୍ସବ




ପାରାଦୀପ, ୧୯/୭ (ନି.ପ୍ର): ପିପିଏଲ୍ ଡିଏଭି ସ୍କୁଲର ଅଳଙ୍କରଣ ସମାରୋହ ଏବଂ ମେଧା ସମ୍ବର୍ଦ୍ଧନା ଉତ୍ସବ ପିପିଏଲ ଟାଉନଶିପ କମ୍ୟୁନିଟି ହଲରେ ଆଜି ଆୟୋଜିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ପିପିଏଲ ର ମୁଖ୍ୟ ପରିଚାଳନା ଅଧିକାରୀ ତଥା ୟୁନିଟ୍ ହେଡ୍ ତଥା ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଏସ୍. ଗିରିଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ପିପିଏଲ ର ମୁଖ୍ୟ ମହା-ପ୍ରବନ୍ଧକ ତଥା ମାନବ ସମ୍ବଳ ଅଧିକାରୀ ସୁମିତ୍? ସେନାପତି, ଅର୍ଥ ବିଭାଗର ମୁଖ୍ୟ ମହା-ପ୍ରବନ୍ଧକ ପ୍ରଶାନ୍ତ ପ୍ରଧାନ, ଉତ୍ପାଦନ ବିଭାଗର ମୁଖ୍ୟ ମହା-ପ୍ରବନ୍ଧକ ଅନିଲ ବର୍ମା, ଇଫକୋ ଡିଏଭି ର ଅଧ୍ୟକ୍ଷ ସମ୍ପିତ ସୁକୁମାର ଚିନାରା ଓ ପିପିଟି ଡିଏଭି ର ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା ପ୍ରମୁଖ ଯୋଗ ଦେଇଥିଲେ। ଡିଏଭି ସ୍କୁଲ ର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ପ୍ରଥମେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ କଠିନ ଅଧ୍ୟବସାୟ ହିଁ ଅଧ୍ୟୟନରେ ସଫଳତା ଦିଏ ଓ ନେତୃତ୍ୱର ବିକାଶ କିଭଳି ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥ?ବା ଛାତ୍ରଛାତ୍ରୀ ଏବଂ ଓଡ଼ିଆ ମାଧ୍ୟମର ଦଶମ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ଉଭୟ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଅଭିଳାଷା' ର ଶୁଭ ଉନ୍ମୋଚନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ସଂଯୋଜକ ବୃନ୍ଦାବନ ରାଉତ ଓ ମହେଶ୍ୱର ପାଣିଗ୍ରାହୀଙ୍କ ସହଯୋଗ ରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବଳିଷ୍ଠ ଉଦ୍ୟମ ରେ ସମ୍ପାଦିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଶେଷରେ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଡିଏଭି ଶିକ୍ଷାନୁଷ୍ଠାନ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ ଅଳଙ୍କରଣ ସମାରୋହକୁ ପ୍ରଶଂସା କରିଥିଲେ ।

# ଆଡ଼ପ ମଣ୍ଡପରେ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନଦେଲେ ଶ୍ରୀଜୀଉ



ନୀଳଗିରି, ୧୯/୭ (ନି.ପ୍ର): ତୃତୀୟଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ରଘୋଷଯାତ୍ରା ଅବସରରେ ଆଡ଼ପମଣ୍ଡପରେ ଭାବରଠାକୁର ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରଥମଦିନରେ ଶ୍ରୀଜୀଉ ମାନଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭.୩୦ ମିନିଟ୍ ପରେ ଦର୍ଶନାର୍ଥିଙ୍କ ପାଇଁ ଦ୍ୱାର ଖୋଲାହେବା ପରେ ଶହଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୌଭାଗ୍ୟଲାଭ କରିଥିଲେ। ଶୃଙ୍ଖଳାର ସହ ଦର୍ଶନ କରିବାପାଇଁ ପୋଲିସ ପ୍ରଶାସନପକ୍ଷରୁ ବ୍ୟାପକ ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡ଼ିରେ ଭକ୍ତମାନେ ମତ୍ସ୍ୟ ଓ କଚ୍ଛପ ଅବତାରରେ ମହାବାହୁଙ୍କୁ ଦର୍ଶନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ।

# ନିଟ୍ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷାଙ୍କ ସଫଳତା

କନ୍ଧମାଳ, ୧୯/୭ (ନି.ପ୍ର): ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷା ମହାପାତ୍ର ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ପିତା ପ୍ରଶାନ୍ତ ମହାପାତ୍ର ଓ ଜ୍ୟୋସ୍ନା ରଥଙ୍କ ଝିଅ ଅନ୍ୱେଷା ଓ ଫୁଲବାଣୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଫିସରେ କାର୍ଯ୍ୟରତ ହର ପ୍ରସାଦ ମହାପାତ୍ରଙ୍କ ଝିଆରୀ ମଧ୍ୟ ଅଟନ୍ତି ସେ। ପୂର୍ବରୁ ହୋଇଥିବା ନିଟ୍ ପରୀକ୍ଷାରେ ସେ ୯ ଶହ ନମ୍ବର ରଖିଥିବା ବେଳେ ନିଟ୍ ପରୀକ୍ଷାରେ ଏଥର ୬୦୪ ନମ୍ବର ରଖିଛନ୍ତି ଅନ୍ୱେଷା । ତେବେ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଦ୍ୱିତୀୟ ଥର ନିଟ୍ ପରୀକ୍ଷା ଯୋଗୁଁ ଛାତ୍ର ଛାତ୍ରୀ ଓ ପରିବାର କିଭଳି ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି ତାହା ଅନ୍ୱେଷାଙ୍କର ନିଟ୍ ପରୀକ୍ଷାରୁ ସ୍ପଷ୍ଟ ଜଣାପଡୁଛି। ତେବେ ସଫଳତାର ଶ୍ରେୟ ସେ ପିତାମାତା, ସମ୍ପର୍କୀୟ, ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି । ଭବିଷ୍ୟତରେ ସେ ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବାକୁ ବୃତି ନୁହେଁ ସେବା କାର୍ଯ୍ୟ ଭାବରେ ଗ୍ରହଣ କରିବା ନେଇ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି । ଅନ୍ୱେଷା ସଫଳତା ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ନଡପୁର ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ

ବୈଶିଙ୍ଗା , ୧୯/୭ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ରବିବାର ପୂର୍ବାହ୍ନରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ସୁଲୋଚନା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ପରିଚାଳନା କମିଟୀ ର ସଭାପତି ପ୍ରକାଶ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ମୂଖ୍ୟ ଅତିଥି ଭାବେ ପୂର୍ବତନ ସୈନିକ ସଂଘ ବେତନଟୀ ଜୋନ ର ସଭାପତି ଦୈତାରୀ ପରିଡା ଏବଂ ସମ୍ମାନୀତ ଅତିଥି ଭାବେ ନରହରି ବିଶ୍ୱାଳ ଯୋଗ ଦେଇ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସୈନିକ ସଂଘର ଅନ୍ୟାନ୍ୟ ସଦସ୍ୟ / ସଦସ୍ୟା ମାନେ ଯୋଗ ଦେଇଥିଲେ । ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ /ଗୁରୁମା ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ପୂର୍ବତନ ସୈନିକ ନରହରି ବିଶ୍ୱାଳ ସ୍ୱତଃ ଭାବେ ରକ୍ତଦାନ କରିଥିଲେ । ଯୁବକ ସଂଘର ସଦସ୍ୟ ମାନେ ମଧ୍ୟ ରକ୍ତଦାନ କରିଥିବାର ଦେଖା ଯାଇଥିଲା । ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।ବାରିପଦା ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ର ରକ୍ତ ଭଣ୍ଡାର ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ଲଡ଼ ବ୍ୟାଙ୍କ ଡାକ୍ତର ଫକଲ ହେମ୍ବ୍ରମ ଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହକାରୀ ଟିମ୍ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।ନଡପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମଧୁମିତା ରାଣୀ ହାଲଦାର ମଧ୍ୟ ଯୋଗ ଦେଇଥିଲେ ।

ସୋମବାର, ଜୁଲାଇ ୨୦, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବେତନଟୀ ତହସିଲ ପକ୍ଷରୁ ୬୪ ହିତାଧିକାରୀଙ୍କୁ ବନ ଅଧିକାର ଜମିପଟ୍ଟା ବଣ୍ଟନ



ବେତନଟୀ,୧୯/୭ (ନି.ପ୍ର): ବେତନଟୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜଙ୍ଗଲଜମି ଅଧିକାର ଆଇନ -୨୦୦୬ ମୁତାବକ ୬୪ଜଣ ଯୋଗ୍ୟ ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ଆବଣ୍ଟନ କରାଯାଇଛି । ଏନେଇ ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୪ଜଣ ହିତାଧିକାରୀ ଉପସ୍ଥିତ ରହିଥିଲେ । ବେତନଟୀ ତହସିଲ କାର୍ଯ୍ୟାଳୟର ଜଙ୍ଗଲ ଜମି ଅଧିକାର ଆଇନ ବିଭାଗର ଶାଖା ସହାୟକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ପି.କେ.ହିତାଂଶୁ ଜେନା, ଶାଖାଅଧିକାରୀ ସଞ୍ଜୀବ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଆଦିବାସୀ ହିତାଧିକାରୀ ମାନଙ୍କୁ ବନ ଜମିପଟ୍ଟା ପ୍ରଦାନ କରିଥିଲେ । ଏହି ଅବସରରେ ତହସିଲଦାର ଶ୍ରୀଯୁକ୍ତବେହେରା ଆଦିବାସୀ ହିତାଧିକାରୀ ମାନଙ୍କୁ ବନ ଅଧିକାର ଆଇନ-୨୦୦୬ ଅନୁଯାୟୀ ପ୍ରଦତ୍ତ ଅଧିକାର ଏବଂ ବିଭିନ୍ନ ସୁବିଧା ବାବଦରେ ଅବଗତ କରାଇବା ସହିତ ପ୍ରଦତ୍ତ ପଟ୍ଟାପ୍ରାପ୍ତ ଜମିର ସଂରକ୍ଷଣ, ସଦୁପଯୋଗ ଏବଂ ଆଇନର ସମସ୍ତ ନିୟମାବଳୀ ପାଳନକରି ଏହାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଦୀର୍ଘଦିନର ପ୍ରତୀକ୍ଷାପରେ ଆଇନଗତଭାବେ ବନ ଜମିପଟ୍ଟା ପାଇ ଆଦିବାସୀ ହିତାଧିକାରୀ ମାନେ ଖୁସିବ୍ୟକ୍ତ କରିବା ସହିତ ରାଜ୍ୟସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଶେଷରେ ବେତନଟୀ ତହସିଲ କାର୍ଯ୍ୟାଳୟର ଜଙ୍ଗଲ ଜମି ଅଧିକାର ଆଇନ ବିଭାଗର ଶାଖା ସହାୟକ ସନ୍ତୋଷ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୩% ମହିଳା ଆରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ ଦାବିରେ କଂଗ୍ରେସର ପୋଷ୍ଟକାର୍ଡ ଅଭିଯାନ



ବାରିପଦା, ୧୯/୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦାସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ନାରୀ ନେତ୍ରୀ ଭୁବନେଶ୍ୱରୀ ଜେନାଙ୍କ ସଂଯୋଜନାରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏକ ପୋଷ୍ଟକାର୍ଡ ଅଭିଯାନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା ସୁନିତା ନାୟକ, ସବିତା ସୋରେନ, ଭାରତୀ ପାତ୍ର, ଗୌରୀ ନାୟକ ଓ ସସ୍ମିତା ବେହେରା ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ସଂସଦରେ ମହିଳା ଆରକ୍ଷଣ ବିଲ୍ ପାରିତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇନଥିବାରୁ ଦେଶର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ତୁରନ୍ତ ବିଲ୍‌କୁ ଲାଗୁ କରି ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ମହିଳା ଆରକ୍ଷଣ ବିଲ୍‌କୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଥିଲେ ମହିଳା କର୍ମୀମାନେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଦିବାସୀ କଂଗ୍ରେସର ଉପାଧକ୍ଷ ଚୈତନ ହାଁସଦା, ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ, ଶେଖ ରକିମ, ଅସିତ ଦାସ, ଅଭିଷେକ ଯାଦବ, ବନମାଳୀ ବାରିକ, ଉତ୍ତମ ବେହେରା, ପ୍ରତାପ ନାୟକ, ଶଶୀ ଯାଦବ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ କଥିତ ମହିଳା ବିରୋଧୀ ଚିନ୍ତାଧାରାକୁ ଘୋର ବିରୋଧ କରିଥିଲେ ଏବଂ ମହିଳାଙ୍କୁ ରାଜନୈତିକ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱ ଦେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଜଣାଇଥିଲେ।

## ପଦ୍ମନାଭପୁର ଟୋଲ ପ୍ଲାଜାରେ ଟ୍ରକ ଡ୍ରାଇଭରଙ୍କ ଉନ୍ମତ କାଣ୍ଡ



ବୈଶିଙ୍ଗା , ୧୯/୭ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଟୋଲ ଗେଟ୍ ରେ ଶୁକ୍ରବାର ରାତି ୧୧.୩୦ ସମୟରେ ଉତ୍ୟକ୍ତ ଡ୍ରାଇଭର ବାପ ପୁଅଙ୍କ ଖଣ୍ଡା ଚୋଟରେ ଜଣେ ଟୋଲ ଗେଟ୍ କର୍ମଚାରୀ ଗୁରୁତର ଆହତ ହୋଇ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ମୁତାବକ ଆନ୍ଧ୍ର ପ୍ରଦେଶରୁ ମାଛ ନେଇ ରାଞ୍ଚି ଯାଉଥିବା ଏକ ଟ୍ରେଲର ନଂ ଟକ ୦୬ ଉଇ ୫୧୭୬ ଗେଟ୍ ରେ ଅଟକି ଥିବା ବେଳେ ଗାଡ଼ି ପାସ୍ କରିବାକୁ ବିଳମ୍ବ ଯୋଗୁଁ ଟୋଲ ଗେଟ୍ କର୍ମଚାରୀଙ୍କ ସହିତ ଯୁକ୍ତିତର୍କ, ପାଟିତୁଣ୍ଡ ହୋଇଥିଲା । ଟ୍ରେଲର ଚାଳକ ବାପା ୬୦ ବର୍ଷୀୟ ଦୀଲବାଗ୍ ସିଂ ଓ ପୁଅ ୨୬ ବର୍ଷୀୟ ମନଜୀତ୍ ସିଂ ଲୁହା ରଡ୍ ଓ ଖଣ୍ଡା ବାହାର କରି ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ବିବେକ ତିୱାରୀ ନାମକ କର୍ମଚାରୀଙ୍କ ପେଟରେ ଖଣ୍ଡା ବାଜି ପେଟ ଭିତରୁ ଅନ୍ତବୁଜୁଳୀ ବାହାରି ପଡ଼ିଥିଲା । ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ ପୋଲିସ ଏସ ଆଇ ଅଶୋକ କୁମାର ପାତ୍ର ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ସେତେବେଳକୁ ଗାଡ଼ି ନେଇ ପଳାଇଯାଇଥିଲେ ବାପ ପୁଅ। ସେମାନଙ୍କ ଗାଡ଼ିକୁ ଗୋଡ଼ାଇ ବେତନଟୀ ଠାରେ ଅଟକ ରଖି ଦୁଇଜଣଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୩୬୪ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସନ୍ଧ୍ୟାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି ଟୋଲ ଗେଟ୍ ରେ ବଡ ବଡ ଗାଡି ଗୁଡ଼ିକୁ ଅଧିକ ଟଙ୍କା ଦାବି କରୁଥିବା ଘଟଣା ପୂର୍ବରୁ ବାରମ୍ବାର ଘଟଣା ଘଟିଥିବାର ନଜିର ରହିଛି । ହୁଏତ ଏହିଭଳି ଘଟଣାକୁ ନେଇ ବଚସା ଏବଂ ପରେ ଆକ୍ରମଣ ହୋଇଥାଇ ପାରେ, ପ୍ରକୃତ ତଦନ୍ତ ପରେ ଅସଲ ଘଟଣା ଜଣାପଡିବ ବୋଲି ଆଶା କରାଯାଏ ।

## ଶିମଲାରେ ଖାଇକୁ ଖସିଲା କାର: ଦୁଇ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୯/୭ : ରବିବାର ଦିନ ସିମଲା ଜିଲ୍ଲାର ଚୌପାଲ ଉପଖଣ୍ଡରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଏକ ଅଲଟ୍ରୋ କାର୍ (ଏଚପି୦୮ଇ-୮୪୪୧) ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ଏବଂ ନେରୱା ତହସିଲ ଅନ୍ତର୍ଗତ ଦୋଚି, ଗ୍ରାମ ପଂଚାୟତ ପୂଜାରୀ ନିକଟରେ କିରି-ନଭ ରାସ୍ତାରେ ୧୦୦ ରୁ ୨୦୦ ମିଟର ଗଭୀର ଖାଇକୁ ଖସି ପଡ଼ିଥିଲା। ଦୁର୍ଘଟଣାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ କାରରେ ଯାତ୍ରା କରୁଥିବା ଦୁଇ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ନେଓାର ତହସିଲ ଅନ୍ତର୍ଗତ ଦୋଚି ଗାଁର ବାସିନ୍ଦା ଅନନ୍ତ ରାମଙ୍କ ପୁଅ ନରେଶ କୁମାର (୩୫) ଏବଂ ଚଡ୍‌ଛଧର (ଡାବସ୍ ଅଂଚଳ) ର ବାସିନ୍ଦା ଧାଜୁ ରାମଙ୍କ ପୁଅ ଜିତେନ୍ଦ୍ର। ନରେଶ କୁମାର ଲୋକ ନିର୍ମାଣ ବିଭାଗ (ପି. ଡବ୍ଲ୍ୟୁ. ଡି.) ରେ ଜଣେ ବହୁମୁଖୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

## ଖବରକାଗଜ ବିତରକଙ୍କ ପରଲୋକ

ଖୋର୍ଦ୍ଧା, ୧୯/୭ (ନି.ପ୍ର): ଖୋର୍ଦ୍ଧା ଅଞ୍ଚଳର ସର୍ବ -ପୁରାତନ ଖବରକାଗଜ ବିତରକ ଭାବେ ଜଣାଶୁଣା ଶ୍ରୀ ଘୋନୋଶ୍ୟାମୋ ସାମଲ ବୟସ ୭୩ଙ୍କ ପରଲୋକ ହୋଇଯାଇଛି। ପ୍ରକାଶ ଯେ ଶ୍ରୀ ସାମଲ ଦୈନ ଦିନ ଭଳି ସକାଳୁ କାଗଜ ନେଇ ନିଜ କାମ ସମାପ୍ତ କରି ନିଜ ବାସଭ୍ବନ କୁ ଫେରି ଅସୁସ୍ତତା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଖୋର୍ଦ୍ଧା ମେଡିକାଲ ନେଇଥିବା ବେଳେ ଖୋର୍ଦ୍ଧା ମେଡିକାଲ ଭୁବେନେଶ୍ୱର ରେଫର କରିଥିଲା। ଭୁବେନେଶ୍ୱର ମେଡିକାଲ କଟକ ପଠାଇ ଥିବା ବେଳେ କଟକ ମେଡ଼ିକାଲରେ ପ୍ରଣୋବାୟୁ ଚାଲି ଯାଇଥିଲା। ଶ୍ରୀ ସାମଲ ଜଣେ ଶାନ୍ତ, ଚଟୋଟ। ଭଦ୍ର ହକର ରୂପେ ଆଖ -ପାଖ ଅଞ୍ଚଳରେ ପରିଚିତ। ଖବରପାଇ ସମସ୍ତ ହକର, ଏଜେଣ୍ଟ, ସୋମ୍ବାଦ ଦାତା ଶ୍ରୀ ସମଲଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସୋମବେଦନା ଜଣାଇଥିବା ପ୍ରକାଶ।

## ଗଠିତ ହେଲା ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମପଂଚାୟତରେ ନୂତନ କଂଗ୍ରେସ କମିଟି

ନୀଳଗିରି, ୧୯/୭ (ନି.ପ୍ର): ନୀଳଗିରି ବ୍ଲକ କଂଗ୍ରେସ ସଭାପତି ଭାବେ ସମାଜସେବୀ ତପନ କୁମାର ରାଉତ ଦାଇତ୍ୱ ନେବାପରେ ବିଭିନ୍ନ ଗ୍ରାମପଂଚାୟତରେ କଂଗ୍ରେସ ସଂଗଠନ ସୁଦୃଢ଼ ହେବାରେ ଲାଗିଛି ।ସେ ଛତ୍ରପୁର ଗ୍ରାମପଂଚାୟତର କଂଗ୍ରେସ କର୍ମୀ ମାନଙ୍କୁ ବସାଇ , ପଂଚାୟତର ନୂତନ କଂଗ୍ରେସ କମିଟି ଗଠନ କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ରେ ଜଣାଇ ଛନ୍ତି ।ଏହି ପଂଚାୟତ ର କର୍ମୀ ମାନଙ୍କୁ ଏକ ଦୃଢ଼ ସଂଗଠନ ପାଇଁ ଆହ୍ୱାନ କରିବା ସହିତ ଲୋକଙ୍କ ସହିତ ତୃଣମୂଳ ସ୍ତରରେ ରହି କାର୍ଯ୍ୟ କରିବା ପାଇଁ କହିଥିଲେ । କର୍ମୀ ମାନଙ୍କ ସହମତି କ୍ରମେ ଉକ୍ତ ପଂଚାୟତର ସଭାପତି ରୂପେ ଉପେନ୍ଦ୍ର ମହାକୁଡ଼ ଙ୍କୁ ଚୟନ କରାଯାଇଥିବା ବେଳେ , କାନ୍ଦନ ମୁର୍ମୁଙ୍କୁ ଉପସଭାପତି, ପ୍ରଭାତ ଖିଲାର ଙ୍କୁ ସମ୍ପାଦକ ଓ ଖଗେନ୍ଦ୍ର ବାରିକ ସହସମ୍ପାଦକ, ପିତାମ୍ବର ମୁର୍ମୁ ସହସମ୍ପାଦକ ଓ ଶେଷରେ ଶ୍ରୀ ଚକ୍ରଧର ଶତପଥୀ ଙ୍କୁ କୋଷାଧକ୍ଷ ରୂପେ ମନୋନୀତ କରାଯାଇଛି। ମୋଟ ସମସ୍ତ ପଦାଧିକାରୀ ଙ୍କୁ ମିଶାଇ ୩୧ଜଣିଆ କମିଟି ଗଠନ କରା ଯାଇଛି ।ହି କମିଟି ରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜୋନ ସଭାପତି ତଥା ବର୍ତମାନ ର ବ୍ଲକ ଉପସଭାପତି ଶ୍ରୀ ଜୟନ୍ତ ଦାସ ଅଭିଭାଷଣ ରେ ବର୍ତମାନର ସରକାର ର ବିଫଳତା ବାବଦରେ ପ୍ରକାଶ କରିବାସହିତ କଂଗ୍ରେସ ହିଁ ବିକଳ୍ପ ବୋଲି କହିଥିଲେ । ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ ସାନିକା ସିଂଙ୍କ ପରିବାର



ଉଦଳା , ୧୯/୭ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାୟ ଗ୍ରାମରେ ବସବାସ କରୁଥିବା ସାନିକା ସିଂ ଏବଂ ତାଙ୍କର ସହଧର୍ମିଣୀ ବାସନ୍ତି ସିଂ ଓ ୬ଜଣ ପିଲାପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୮ଜଣ ଅଟନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ମୁଣ୍ଡପିଛା ଯୋଗାଇ ଦେଉଥିବା ୫କିଗ୍ରା ଚାଉଳ ପାଇବାରୁ ଏହି ପରିବାର ସମ୍ପୂର୍ଣ୍ଣ ବଂଚିତ ଥିବାର କଥା ସାନିକା ଗଣମାଧ୍ୟମକୁ ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ଖବର ନେବାରୁ ପିତା ସାନିକା ସିଂ ଓ ମାତା ବାସନ୍ତି ସିଂଙ୍କର ଆଧାର କାର୍ଡ଼ ଅଛି । କିନ୍ତୁ ୬ଜଣ ପିଲାପିଲିଙ୍କ ମଧ୍ୟରୁ କାହାରି ଆଧାର କାର୍ଡ଼ ନାହିଁ। ଆଧାର ପାଇଁ ଫଟୋ ଉଠାଇବାକୁ ଯିବାରୁ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରି ବାବୁ ପ୍ରତିପିଲା ପିଛା ୬୦୦ ଟଙ୍କା ଲେଖାଏଁ ମାଗୁଥିବାର କଥା ସାନିକା କହିଛନ୍ତି । ଏତେ ଗୁଡ଼ିଏ ଟଙ୍କା ଦେଇନପାରିବା ଯୋଗୁଁ କୌଣସି ପିଲା ଆଧାର କାର୍ଡ଼ ପାଇପାରିନଥିବାର ସାନିକା ଜଣାଇଛନ୍ତି । ସେହିପରି ବିଦ୍ୟାଳୟ ଘରଠାରୁ ଦୂର ହେଉଥିବାରୁ ଜଙ୍ଗଲ ରାସ୍ତା ପାରି ହୋଇ ନିୟମିତ ପିଲାଙ୍କୁ ଯିବା ଆସିବା କରି ପାଠପଢ଼ିବା ସମ୍ଭବ ହୋଇପାରୁ ନାହିଁ । ତେଣୁ ବିଦ୍ୟାଳୟର ଖାତାରେ ପିଲାଙ୍କ ନାମ ଗର୍ଡ଼ିଚାଲିଥିଲେ ମଧ ପିଲାମାନେ ଆଦୌ ବିଦ୍ୟାଳୟ ଯାଉନଥିବାର କଥା ସାନିକା ଜଣାଇଛନ୍ତି। ଏପରି ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡରେ ବହୁଳ ଭାବରେ ଦେଖିବାକୁ ମିଳୁଥିବା ବେଳେ କେତେକ ଏହାକୁ ଏକ ନିତିଦିନିଆ ଘଟଣା ବୋଲି ବ୍ୟକ୍ତ କରିଛନ୍ତି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ସାନିକା ସିଂଙ୍କ ପରିବାର ଏକ ଆଦିବାସୀ ପରିବାର ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ଏହି ପରିବାରକୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

## ଗିଲାଯୋଡ଼ି ଗ୍ରାମର ଦାଦନ ଶ୍ରମିକଙ୍କ ମୃତ୍ୟୁ: ଚେନ୍ନାଇର କେମିକାଲ କମ୍ପାନୀରେ ଦୁର୍ଘଟଣା, ପରିବାରରେ ଶୋକର ଛାୟା, କ୍ଷତିପୂରଣ ଦାବି

ବସ୍ତା , ୧୯/୭ (ନି.ପ୍ର): ପରିବାର ଅଭାବ ମେଣ୍ଟାଇବା ଓ ପରିବାର ପୋଷଣ ପାଇଁ ଘର ଛାଡି ଚେନ୍ନାଇ ଯାଇଥିବା ରଘୁନାଥପୁର ପଞ୍ଚାୟତର ଗିଲାଯୋଡ଼ି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ହୋଇଛି। ଚେନ୍ନାଇର ଏକ ଘରୋଇ କେମିକାଲ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କେମିକାଲ ଡବା ଫାଟି ସେ ଗୁରୁତର ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମର ବରୁଣ କୁମାର ଧଳ(୪୭)। ସେ ଗତ୫ବର୍ଷ ହେବ ଚେନ୍ନାଇର ଏକ ଘରୋଇ କେମିକାଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଶନିବାର ସକାଳ ୭:୩୦ ଘଟିକା ସମୟରେ କମ୍ପାନୀରେ କାମ କରୁଥିବା ବେଳେ ହଠାତ ଏକ କେମିକାଲ ଡବା ଫାଟି ଯାଇଥିଲା। ସେଥିରୁ ବାହାରିଥିବା ଗରମ ତରଳ କେମିକାଲ ତାଙ୍କ ଶରୀରରେ ପଡିବାରୁ ସେ ଗୁରୁତର ଆହତ ହୋଇଯାଇ ଥିଲେ। ସହକର୍ମୀ ମାନେ ସଙ୍ଗେ ସଙ୍ଗେ ତାଙ୍କୁ ଚେନ୍ନାଇର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ। ମାତ୍ର ଗତକାଲି ସନ୍ଧ୍ୟା ୮:୧୫ ସମୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରୁଣଙ୍କ ଘରେ ବୃଦ୍ଧ ମାତା,ସ୍ତ୍ରୀ ଓ ଛୋଟ ୯ ବର୍ଷର ଗୋଟିଏ ପୁଅ ।ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ ସେ।ବୃଦ୍ଧ ମା କହିଛନ୍ତି, ଘରେ ଅଭାବ ଥିଲା, ସେଥି ପାଇଁ ସେ ଚେନ୍ନାଇ ଯାଇଥିଲା। କମ୍ପାନୀ ପକ୍ଷରୁ କୌଣସି ସୁରକ୍ଷା ସାମଗ୍ରୀ ଦିଆଯାଉ ନ ଥିଲା ।ଏବେ ଆମକୁ ଉପଯୁକ୍ତ କ୍ଷତିପୂରଣ ଓ ଶବ ଫେରାଇ ଆଣିବାରେ ସହାୟତା ଦରକାର ବୋଲି ଦୁଃଖର ସହ କହିଛନ୍ତି। ବାରମ୍ବାର ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଥିବାବେଳେ ସେମାନଙ୍କ ସୁରକ୍ଷା ଓ ବୀମା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ସରକାର ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଓ କ୍ଷତିପୂରଣ ବ୍ୟବସ୍ଥା କରନ୍ତୁ ବୋଲି ବୁଦ୍ଧିଜୀବି ମାନେ ଦାବି କରିଛନ୍ତି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୋହନ ମାଝୀ

ଭୁବନେଶ୍ୱର, ୧୯/୭ (ନି.ପ୍ର): ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ଶୁଭେଚ୍ଛା ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା ଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣ ଦୀର୍ଘାୟୁ, ସୁସ୍ଥ ଓ ସମୃଦ୍ଧ ଜୀବନ ଲାଭ କରନ୍ତୁ, ଏବଂ ଜନସେବାରେ ଆପଣଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ନିରନ୍ତର ସଫଳତାର ଶିଖର ଛୁଅନ୍ତୁ—ଏହି ମୋର ଆନ୍ତରିକ କାମନା।

## ସଦର କଂଗ୍ରେସରେ ମିଶ୍ରଣ ପର୍ବ ଅନୁଷ୍ଠିତ

ବାଲେଶ୍ୱର, ୧୯/୭ (ନି.ପ୍ର): ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଜି ରାଜୀବ ଭବନ ରେ ଆୟୋଜିତ ମିଶ୍ରଣ ପର୍ବ ରେ ସରୋଜ କୁମାର ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ,ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ଜିଲ୍ଲା ଯୁବ ସଭାପତି ଇଂ. ରଞ୍ଜନ ଦାସ, ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚନା ନନ୍ଦୀ, ଜୋତ୍ସ୍ନା ସେନାପତି,ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌତମ ସାହୁ,ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ଜିଲ୍ଲା ସଂଖ୍ୟା ଲଘୁ ସେଲ ର ଜିଲ୍ଲା ସଭାପତି ଅସଗର ଅଲ୍ଲୀ, ଜିଲ୍ଲା ସମ୍ପାଦକ ଶେଖ ନିଜାମୁଦ୍ଦିନ ଓ ଗଜେନ୍ଦ୍ର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଆଜି ବିଜୁ ଛାତ୍ର ଜନତା ଦଳ ର ପୂର୍ବତନ ଜିଲ୍ଲା ସମ୍ପାଦକ ହର୍ଷ ଖଣ୍ଡେଲ ୱାଲ ଓ ତାଙ୍କର ସମସ୍ତ ସହଯୋଗୀ ମାନଙ୍କୁ କଂଗ୍ରେସ ଦଳ ରେ ସାମିଲ କରାଯାଇଛି। ସଦର ନିର୍ବାଚନ ମଣ୍ଡଳୀ ର ଯୁବ ନେତା ତଥା ଜିଲ୍ଲା ଉପସଭାପତି ସରୋଜ ଲେଙ୍କା ପୌରହିତ୍ୟ କରି କହିଥିଲେ କି ଡବଲ ଇଂଜିନ ସରକାର ଯୁବ, ଛାତ୍ର, ମହିଳା ଙ୍କୁ ନିର୍ବାଚନ ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଶାସକ ଦଳ ସବୁ ପ୍ରକାର ଦୁର୍ନୀତି ରେ ଲିପ୍ତ ରହି ଉତ୍ତର ଦାୟୀ ରହୁ ନାହି। ନିଟ ପରୀକ୍ଷା ସମେତ ଛ ଟି ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ର ପ୍ରଶ୍ନ ପତ୍ର ଲିକ ପରେ ମଧ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଉନାହାନ୍ତି। ସୋନମ ୱାଙ୍ଗ ଚୁକ ଙ୍କ ଭଳି ଜଣେ ସମାଜସ୍ୱେୀ ଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ପୋଲିସ ଲଗାଇ ତାଙ୍କ ଅନଶନ ଭାଙ୍ଗି ବାକୁ ଉଦ୍ୟମ କରିଛନ୍ତି। ତେଣୁ ଯୁବ ଓ ଛାତ୍ର ମାନେ ରାହୁଲ ଗାନ୍ଧୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଛାତ୍ର ଓ ଯୁବ ସମାଜ କଂଗ୍ରେସ ରେ ସାମିଲ ହେବାକୁ ଆଗଭର ହେଉଛନ୍ତି। ଆଗାମୀ ୨୦୨୯ ମସିହା ସାଧାରଣ ନିର୍ବାଚନ ରେ କଂଗ୍ରେସ ଦଳ କିଭଳି କ୍ଷମତା କୁ ଆସିବ ସେ ନେଇ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ରୁ ଦଳ କାମ କରିବ। ଛାତ୍ର ନେତା ହର୍ଷ ଖଣ୍ଡେଲୱାଲ ଅତୀତ ରେ ବିଜୁ ଛାତ୍ର ଜନତା ଦଳ ର ଜିଲ୍ଲା ସମ୍ପାଦକ ଥାଇ ଏବେ ରାହୁଲ ଗାନ୍ଧୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳ ରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଛାତ୍ର ରାଜନୀତି ରେ ସକ୍ରିୟ ଥିବାରୁ ସେ ଦଳ ସହ ସମନ୍ୱୟ ରଖି ସଂଗଠନ କୁ ମଜବୁତ କରିବାକୁ ନିଶ୍ଚିତ ଭାବେ କାମ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida